ସାପ୍ତାହିକ
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
Postal Regd. No.: SBP/RN-01/2022-2024
RNI No. 66443/94
Vol.28 | Issue - 14 | 07 - 13 April 2024 | Sambalpur | Pages- 8 | Invitation Price Rs.10

# ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ



ବଲାଙ୍ଗୀର: ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ସଦାଇପାଲି ପଲିଶ୍ରୀ ବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ପାଳିତ ହୋଇଯାଇଛି ।

ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଉତ୍କଳ ସଂକୀର୍ତ୍ତନ ମହାସଂଘ ସଦସ୍ୟ ବାବା ପଞ୍ଚଦେବ ଓ ଦ୍ୱାରିକାନାଥ ସେନାପତି, ପରିଷଦ ସମ୍ପାଦକ ଲୋକନାଥ ମିଶ୍ର ତଥା ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ତୁଷାର ରଞ୍ଜନ ବାରିକ ପ୍ରମୁଖ ଉଦବୋଧନ ଦେଇଥିଲେ । ସମ୍ବଲପୁର ଜିଲ୍ଲା ଅଏଁଲାପାଲି, ବରଗଡ଼ ଜିଲ୍ଲାର ଘନାମାଲ, ସୁବର୍ଣ୍ଣପୁର ଜିଲ୍ଲାର ଝରାପଡ଼ା, ବୌଦ୍ଧର ଖୁଣ୍ଟବନ୍ଧ, କନ୍ଧମାଳ ଜିଲ୍ଲାର ମିଶିଆଁ, ନୂଆପଡ଼ା ଜିଲ୍ଲାର ପଗାରପାଣି, ବଲାଙ୍ଗୀରର ସଦାଇପାଲିର ଉଭୟ ପୁରୁଷ ଓ ମହିଳା ଦ, ଆଡେନଡୁଙ୍ଗୁରୀ, ଡୁଡୁକା, କଳାସର, ସରଗାଡ଼, ଝାରବଲାଙ୍ଗୀର, ମିର୍ଦ୍ଧାପାଲି, ବୁବେଲ ଓ ବ୍ରାହ୍ମଣୀଡୁଙ୍ଗୁରୀ ସଂକୀର୍ତ୍ତନ ପରିବେଷଣ କରିଥିଲେ ।

ଡକ୍ଟର ଶ୍ରୀକର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରୀତା ବାଗ, ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ । ଏହି ଅବସରରେ ବରଗଡ଼ ଜିଲ୍ଲାର ପଦ୍ମପୁରର ଗଙ୍ଗାଧର ଚିରଗୁନଙ୍କୁ 'ଚୈତନ୍ୟ ସମ୍ମାନ' , ବଲାଙ୍ଗୀର ସଦାଇପାଲିର ଶମ୍ଭୁ ପ୍ରସାଦ ନାଏକଙ୍କୁ 'ଗାୟକ ରତ୍ନ' ଓ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାର ମନବେଶ ଭୋଇଙ୍କୁ 'ବାଦ୍ୟକ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରିଷଦର ଉପଦେଷ୍ଟା ସମାଜସେବୀ ଡକ୍ଟର ଶ୍ରୀକର ମିଶ୍ର, ସଂଯୋଜକ ଭରତ ସାହୁ, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ସହ ସମ୍ପାଦକ ମାନଭଞ୍ଜନ ନାଏକ, ଅନ୍ୟତମ ଉପଦେଷ୍ଟା ରାଜେନ୍ଦ୍ର ବେହେରା, ଗୌରଚରଣ ପଟେଲ, ଲୋଇସିଂହା ବ୍ଲକ ସଭାପତି ଚୈତନ୍ୟ ପଧାନ, ପୁଇଁତଲା ବ୍ଲକ ସଭାପତି ଗୌରାଙ୍ଗ ମିଶ୍ର ଓ ବଲାଙ୍ଗୀର ବ୍ଲକ ସଭାପତି ରମେଶ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ପରିଷଦର ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଦେଇଥିଲେ ।










## ଏମ୍‌ସିଏଲ୍‌ର ୩୩ ତମ ପ୍ରତିଷ୍ଠା ଦିବସ ପାଳିତ







ବୁର୍ଲା : ମହାନଦୀ କୋଲ୍ଡଫିଲ୍ଡସ୍ ଲିମିଟେଡର ୩୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସିଏମ୍‌ଡି ଶ୍ରୀ ଉଦୟନାଥ ଏ କାଓଲେ ଏବଂ ତାଙ୍କ ଧର୍ମପତ୍ନୀ କେକ୍ କାଟି ଉତ୍ସବର ଶୁଭାରମ୍ଭ କରିଥିଲେ । ସେହିପରି ଉତ୍କୃଷ୍ଟତା ଦୌଡ଼ରେ ବହୁ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏମସିଏଲର ଅବସରପ୍ରାପ୍ତ ସିଏମଡି ଏସ୍.ଏନ୍. ଶର୍ମା, ଏ.ଏନ୍. ସହାୟ, ବି.ଏନ୍ ଶୁକ୍ଲା, ଏ.କେ ଝା ଓ ଓ.ପି. ସିଂହ ପ୍ରମୁଖ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ।




## ଏ ସଂଖ୍ୟାରେ..


ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କଲରା


ଉପକାରୀ ତରଭୁଜ


ସ୍ୱାସ୍ଥ୍ୟ ପାଇଁ ଭଲ ବାଇଗଣ


କୋଲେଷ୍ଟ୍ରଲ ନିୟନ୍ତ୍ରଣ କରେ ଦହି


ପଣସ ମଞ୍ଜିର ଉପକାରିତା


ରାଶିର ଉପକାରିତା

## ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା: ସ୍ଥାନୀୟ ଓଏସଏପି ଦ୍ୱିତୀୟ ବାଟାଲିଅନରେ ୮୯ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଝାରସୁଗୁଡା ଏସପି ପରମାର ସ୍ମିତ ପୁରୁଷୋତ୍ତମ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଏସଏପି ଦ୍ୱିତୀୟ ବାଟାଲିଅନରେ ଓ ଜିଲ୍ଲା ପୋଲିସର ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି । ରାଜ୍ୟ ପୋଲିସକୁ ଦେଇଥିବା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାର ନକଲ ପଢି ଶୁଣାଇଥିଲେ । ଝାରସୁଗୁଡା ଜିଲ୍ଲା ପୋଲିସ ଓ ଦ୍ୱିତୀୟ ଓ ଏସପିର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଧିକାରୀ ଓ ଯବାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପରେଡରେ ଝାରସୁଗୁଡା ଓଏସଏପି ୨ୟ ବାଟାଲିଅନର ଉପ-ଦୁର୍ଗପତି ଭବାନୀ ଶଙ୍କର ସେଠ, ଶିବ ନାରାୟଣ ନାୟକ ଅତିରିକ୍ତ ଏସପି ଲମ୍ବୋଦର ବୁଡ଼ା, ଅଶୋକ ମହାପାତ୍ର ଓଏସଏପି ଦ୍ୱିତୀୟ ବାଟାଲିଅନ ଓ ଜିଲ୍ଲା ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଏହି ପରେଡକୁ ଆରଆଇ ଗଗନ ମହନ୍ତ ପରିଚାଳନା କରିଥିଲେ ।

## ଗଙ୍ଗାଧର ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ 'ଶ୍ରଦ୍ଧା ଶତକ'



ସମ୍ବଲପୁର : ଗଙ୍ଗାଧର ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ ତିନିଦିନ ବ୍ୟାପୀ 'ଶ୍ରଦ୍ଧା ଶତକ' ପାଳିତ ହୋଇଯାଇଛି । ପ୍ରଥମ ଦିବସରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗାରାଜୁଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଛାତ୍ରଛାତ୍ରୀମାନେ ମାଲ୍ୟାର୍ପଣ କରିବା ପରେ ଛାତ୍ରଛାତ୍ରୀମାନେ 'ବିଶ୍ୱ ଦେଖ ମଧୁମୟ' ସଂଗୀତ ଗାନ କରିଥିଲେ । ସନ୍ଧ୍ୟାରେ କୁଳପତିଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ, ଅଧାପକ ଅଧାପିକାମାନେ ହାତରେ ଦୀପ ଧରି ମୁଖ୍ୟ ଫାଟକରୁ ଗଙ୍ଗାଧର ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସି କବିଙ୍କ ଉଦ୍ଦେଶ୍ୟରେ ଦୀପ ଅର୍ପଣ କରିଥିଲେ ।

ଦ୍ୱିତୀୟ ଦିବସରେ ଆୟୋଜିତ ଆଲୋଚନାଚକ୍ରରେ ଗୌରୀଦାସ ପ୍ରଧାନ, ଡକ୍ଟର ଜ୍ଞାନୀ ଦେବାଶୀଶ ମିଶ୍ର ଅଂଶ ଗ୍ରହଣ କରି କବିଙ୍କ କବିତା କଳ୍ପର ଭିନ୍ନ ଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

ସମାରୋହରେ ଗଙ୍ଗାଧର ମେହେର ଓ ବ୍ରଜମୋହନ ପଣ୍ଡାଙ୍କ ପରସ୍ପର ପତ୍ରାଳାପର ସଂଗ୍ରହ ପୁସ୍ତକ 'ଗଙ୍ଗାଧର ପତ୍ରବଳୀ' ମୁଖ୍ୟଅତିଥି ଆଇନଜ୍ଞ ପଦ୍ମଲୋଚନ ପଣ୍ଡା ଓ କୁଳପତି ପ୍ର. ଏନ୍. ନାଗାରାଜୁ ଉନ୍ମୋଚନ କରିଥିଲେ । ପ୍ରକାଶିତ ପୁସ୍ତକର ସଙ୍କଳୟିତା ପ୍ରଫେସର ପ୍ରଦୀପ କୁମାର ପଣ୍ଡା ପତ୍ରାବଳୀର ସମସାମୟିକ ଗୁରୂତ୍ୱ ଓ ଉପଯୋଗୀତା ଉପରେ ବକ୍ତବ୍ୟ ରଖିଥିଲେ । ପୁସ୍ତକର ଅନ୍ୟତମ ସଂକଳୟିତା ଡକ୍ଟର ରଞ୍ଜନ ସେଠୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ସଂସ୍କୃତ ବିଭାଗର ସମସ୍ତ ଅଧାପକ ଓ ଅଧାପିକାମାନେ ପୁସ୍ତକ ଉନ୍ମୋଚନରେ ସାମିଲ ହାଇଥିଲେ । ଓଡ଼ିଆ ବିଭାଗ ମୁଖ୍ୟା ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା ସଭା ପରିଚାଳନା କରିଥିବା ବେଳେ ସଂସ୍କୃତ ବିଭାଗର ମୁଖ୍ୟା ଡକ୍ଟର ସୁନେଲି ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ଅଧ୍ୟକ୍ଷତା ତଥା ଇଂରାଜୀ ବିଭାଗ ମୁଖ୍ୟ ଅଞ୍ଜଳୀ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋରୀ ଲାଲ ବର୍ମା ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ଏହାଛଡ଼ା କୋରାପୁଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡକ୍ଟର ରୁଦ୍ରାଣୀ ମହାନ୍ତି ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଡକ୍ଟର ବବୁ ବାହାନ ମହାପାତ୍ର ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ । ଶେଷରେ ହିନ୍ଦୀ ବିଭାଗର ଡକ୍ଟର ଦାଶରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମାନନ୍ଦ ପଣ୍ଡା ଜୟନ୍ତୀ ପାଳିତ

ସମ୍ବଲପୁର : ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ 'ନୀଳଚକ୍ର'ର ସମ୍ବଲପୁର ଜିଲା ଶାଖା ପକ୍ଷରୁ ଭାଲୁବାହାଲ ସ୍ଥିତ ଏକାମ୍ର ବିହାରରେ ଅନୁଷ୍ଠାନର ପ୍ରତିଷ୍ଠାତା, ପୂର୍ବତନ ସାଂସଦ ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡାଙ୍କ ୭୫ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଅନୁଷ୍ଠାନର ଶାଖା ସଭାପତି କଳାରତ୍ନ ବଂଶୀଧର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସିତାଂଶୁ ତ୍ରିପାଠୀ ମୁଖ୍ୟଅତିଥି ଏବଂ ଡାକ୍ତର ବିନୋଦ ବିହାରୀ ନାୟକ ସମ୍ମାନିତ ଅତିଥି, ଶିକ୍ଷାବିତ୍ ରବିନାରାୟଣ ପଣ୍ଡା ଓ ଇଂ. ପ୍ରଦୀପ୍ତ ମହାରଣା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । ଦେବାଶିଷ ସାହୁ, ଗୋପାଳ ରାଉତ, ତ୍ରିବିକ୍ରମ ପୋଢ଼, ସୁବାସ ଶର୍ମା, ସୁଶିଲ ବେହେରା, ସନ୍ତୋଷ ପ୍ରଧାନ, ଜୟରାମ ପ୍ରଧାନ, ଦୟାନିଧି ଲାକଡ଼ା, ସୁବାସଚନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ମହାପାତ୍ର, ଜୟକୃଷ୍ଣ ମହାପାତ୍ର, ଅମରେନ୍ଦ୍ର ଦାଶ, ଟ୍ରେନଟୁନ ରତ ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଜୀବତତ୍ତ୍ୱବିତଙ୍କ ଦୃଷ୍ଟିରେ ବାର୍ଦ୍ଧକ୍ୟ

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବର୍ଦ୍ଧିତ-ଜୀବଦ୍ଦଶାରେ ମନୁଷ୍ୟର ସୁସ୍ଥ ଜୀବନଯାତ୍ରା ସହ ବାର୍ଦ୍ଧକ୍ୟ-କେନ୍ଦ୍ରୀକ ଅସୁସ୍ଥତାର ଅବଧି ବୃଦ୍ଧି ବିରୋଧଭାସ ସୃଷ୍ଟି କରୁଥିବା ନୋବଲ-ବିଜୟୀ ବୈଜ୍ଞାନିକ ଭେଙ୍କଟରାମନ (ଓ୍ୱେଙ୍କି) ରାମାକ୍ରିଷ୍ଣନ କହିଥାନ୍ତି । ଭାରତ-ଜନ୍ମିତ ବ୍ରିଟିଶ-ଯୁକ୍ତରାଷ୍ଟ୍ର ଆମେରିକା ନାଗରିକ ଓ୍ୱେଙ୍କି ୨୦୦୯ରେ ରସାୟନ ଶାସ୍ତ୍ର ନିମନ୍ତେ ପ୍ରଦତ୍ତ ନୋବଲ ପୁରସ୍କାର ସହ-ବିଜେତା । ତାଙ୍କରି ଗବେଷଣା ମୁଖ୍ୟତଃ ଜୀବବିଜ୍ଞାନ 'ମଲିକ୍ୟୁଲାର ବାୟୋଲଜି' ଅନ୍ତର୍ଗତ 'ରାଇବୋଜମ' କେନ୍ଦ୍ରୀକ । ଶରୀର ଜୀବକୋଷଗୁଡ଼ିକରେ ରାଇବୋଜମ ପ୍ରୋଟିନ ଉତ୍ପାଦନ କରି ଏହାର ଅଭିବୃଦ୍ଧି ଓ ରକ୍ଷଣାବେକ୍ଷଣ କାର୍ଯ୍ୟଭାର ସମ୍ଭାଳିଥାନ୍ତି । ପ୍ରାଣୀ ଜୀବନର ମୌଳିକ ଉପାଦାନ ସଂପର୍କରେ ଦୀର୍ଘ ଅଧ୍ୟୟନ ଓ୍ୱେଙ୍କିଙ୍କୁ ମନୁଷ୍ୟର ଜୀବଦ୍ଦଶା ବୃଦ୍ଧି ତଥା ବାର୍ଦ୍ଧକ୍ୟ ଚିନ୍ତନ ନିମନ୍ତେ ପ୍ରୋତ୍ସାହିତ କରିଥିଲା ।

ଓ୍ୱେଙ୍କିଙ୍କ ଦ୍ୱାରା ରଚିତ 'ହ୍ୱାଇ ଉଇ ଡ଼ାଇ : ଦି ନିଉ ସାଇନ୍ସ ଅଫ ଏଜିଂ ଏଣ୍ଡ ଦି କ୍ୱେଷ୍ଟ ଫର ଇମୋର୍ଟାଲିଟି' ମାର୍ଚ୍ଚ ୨୦୨୪ରେ ପ୍ରକାଶ ପାଇଛି । ଏହି ପୁସ୍ତକରେ ଜୀବତତ୍ତ୍ୱବିତ ହିସାବରେ ମନୁଷ୍ୟର ଜନ୍ମ ଓ ମୃତ୍ୟୁ ତଥା ବୟସ ବୃଦ୍ଧିରେ ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟାର କେତେକ ଦିଗରେ ବୈଜ୍ଞାନିକ ଦୃଷ୍ଟିକୋଣ ଅନୁଶୀଳନ କରିଛନ୍ତି । ଓ୍ୱେଙ୍କି ଉଲ୍ଲେଖ କରିଛନ୍ତି ଯେ ବିଶ୍ୱବ୍ୟାପୀ ବୃଦ୍ଧଜନ ସଂଖ୍ୟା ଓ ଜୀବଦ୍ଦଶା ବୃଦ୍ଧି ତଥା ମୃତ୍ୟୁକୁ ଯଥାସଂଭବ ବିଳମ୍ବ କରିବା ଉଦ୍ୟମରେ ଆମେ ମାତିଥିବା ହେତୁ ବାର୍ଦ୍ଧକ୍ୟ-ବିଜ୍ଞାନ 'ଜେରେଣ୍ଟୋଲଜି' କ୍ଷେତ୍ରରେ ବ୍ୟାପକ ଗବେଷଣା ଜାରି ରହିଛି । ଉଦାହରଣରେ ୨୦୧୪ରୁ ୨୦୨୪ ଦଶ ବର୍ଷ ମଧ୍ୟରେ ପ୍ରାୟ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଗବେଷଣା ସନ୍ଦର୍ଭ ପ୍ରକାଶ ପାଇଛି ଏବଂ ସାତ ଶହରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ କମ୍ପାନୀ ବାର୍ଦ୍ଧକ୍ୟ-ଅନୁକୂଳ ଦ୍ରବ୍ୟ ଉତ୍ପାଦନ ଓ ସେବା ପ୍ରଦାନ ଦିଗରେ ନୂତନ ଦିଗ-ଦିଗନ୍ତ ଉନ୍ମୋଚନରେ ସମର୍ପିତ ।

ମାନବ ସଭ୍ୟତା ପରିପ୍ରକାଶ କାଳରୁ ମନୁଷ୍ୟ ଦୀର୍ଘ-ଜୀବନ ଆଶାୟୀ । ତେବେ ଦୀର୍ଘ ସମୟ ଧରି ମନୁଷ୍ୟର ଜୀବଦ୍ଦଶା ବୃଦ୍ଧି ସଂଭବ ହୋଇପାରିନଥିଲା । ଅଷ୍ଟାଦଶ ଶତାବ୍ଦୀରୁ ଆଧୁନିକ ବିଜ୍ଞାନ ପ୍ରସାର ଫଳରେ ରୋଗ ନିଦାନ ଓ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ନୀତି ପ୍ରଣୟନରେ ମନୁଷ୍ୟ ଅଧିକରୁ ଅଧିକ ବର୍ଷ ବ*ବାରେ ସମର୍ଥ ହେଲା । ଦ୍ୱିତୀୟ ବିଶ୍ୱ-ଯୁଦ୍ଧୋତ୍ତର ଅବସ୍ଥାରେ ଶରୀରର ମୌଳିକ ଗୁଣ ନିୟନ୍ତ୍ରକ 'ଜିନ', ଅଣୁ 'ମଲ୍ୟୁକୁଲ' ଓ ଗୁଣସୂତ୍ର 'ଡିଏନଏ' ଇତ୍ୟାଦି କ୍ଷେତ୍ରରେ ଅଧ୍ୟୟନ ଜନ୍ମ ଓ ମୃତ୍ୟୁ ସଂପର୍କରେ ନୂତନ ତଥ୍ୟମାନ ଉନ୍ମୋଚନ କଲା । ଫଳତଃ, ମନୁଷ୍ୟର ଦୀର୍ଘ-ଜୀବନ ଆୟୋଜନ-ଭିତ୍ତିକ ଗବେଷଣାର ବ୍ୟାପକ ପ୍ରସାର ଘଟିଲା ।

ଓ୍ୱେଙ୍କିଙ୍କ ବିଚାରରେ ସଂଭବତଃ ଆତ୍ମ- ପ୍ରସାରିତ 'ସେଲଫ ରେପ୍ଲିକେଟିଂ' ମଲିକ୍ୟୁଲ ଗୁଡ଼ିକ ସଂଗଠିତ ହୋଇ ଜୀବକୋଷ ସଂରଚନାରେ ଜୀବନ ସୂତ୍ରପାତ ହୋଇଥିଲା ଏବଂ ଅସଂଖ୍ୟ ଜୀବକୋଷର ସହାୟତାରେ ଏକକ ପ୍ରାଣୀର ସୃଷ୍ଟି । ପ୍ରାଣୀଙ୍କ ସମାହାରରେ ଗୋଷ୍ଠୀ ଓ ମନୁଷ୍ୟଙ୍କ ସମାବେଶରେ ବସତି ଓ ରାଷ୍ଟ୍ରର ଉତ୍ପତି । ଏହି ସାଂଗଠନିକ ପ୍ରକ୍ରିୟାରେ ପ୍ରତ୍ୟେକ ଅପର ପ୍ରତି ନିର୍ଭରଶୀଳ ଏବଂ କେହି ଏକାକୀ ତିଷ୍ଠି ପାରନ୍ତି ନାହିଁ । ଜୀବକୋଷଗୁଡ଼ିକ ଅନୁବଂଶିକ ବାର୍ତ୍ତାବହ ଏବଂ ବିଭାଜନ ପ୍ରକ୍ରିୟାରେ ସୂଚନା ସଂପ୍ରସାରିତ କରିଥାନ୍ତି । ତେଣୁ ଜୀବକୋଷର କ୍ଷୟ ସତ୍ତ୍ୱେ ଜୀବନର ସତ୍ତା ଲୋପ ପାଇଯାଏ ନାହିଁ । ଜିନ ଯୁଗାଯୁଗାନ୍ତର ବିଭିନ୍ନ ସୂଚନା ସାଇତି ରଖେ । ତାହା ହିଁ ନିର୍ଦ୍ଦିଷ୍ଟ ପ୍ରାଣୀ ଜଗତର ସଂପଦ ।

ମୃତ୍ୟୁ ସଂପର୍କରେ ତର୍ଜମା କରି ଓ୍ୱେଙ୍କି କହନ୍ତି ଯେ ମନୁଷ୍ୟ ମୃତ୍ୟୁମୁଖରେ ପଡ଼ିବା ବେଳକୁ ତାହାର ଶରୀରରେ ଅସଂଖ୍ୟ ଜୀବକୋଷ ସକ୍ରିୟ ଥାନ୍ତି । ଏହି କାରଣରୁ ମୃତ୍ୟୁ ପରେ ଆମେ ଅଙ୍ଗ ଦାନ କରୁ ଏବଂ ସେଗୁଡ଼ିକର ପ୍ରତ୍ୟାରୋପଣରେ ଅନ୍ୟମାନେ ସ୍ୱାଭାବିକ ଜୀବନଯାପନ କରିପାରନ୍ତି । ସଦ୍ୟ ମୃତ ଶରୀରରେ ଜୀବକୋଷ ତୁଳନାରେ ବହୁ ଅଧିକ ସଂଖ୍ୟକ ଜୀବାଣୁ 'ବ୍ୟାକ୍ଟେରିଆ' ମଧ ଜୀବନ୍ତ ରହିଥାନ୍ତି । ତେବେ ହୃଦ ଯନ୍ତ୍ର, ମସ୍ତିଷ୍କ ଭଳି ଅତ୍ୟାବଶ୍ୟକୀୟ ଅଙ୍ଗଗୁଡ଼ିକରେ ଜୀବକୋଷ ମାଧମରେ ସାମଗ୍ରୀକ ନିୟନ୍ତ୍ରଣ ହରାଇଲେ ଆମେ ମୃତ୍ୟୁମୁଖରେ ପଡୁଥିବା କୁହାଯାଇ ପାରେ ।

ସେହିପରି ମନୁଷ୍ୟ ଶରୀର ଗଠନ ଓ ଜୀବନ ସଂଚାର ନିର୍ଣ୍ଣୟ ମଧ କଠିନ ବୋଧ ହୋଇଥାଏ । ଗର୍ଭଧାରଣ ସମୟରୁ ଜୀବନ ସଂଚାର ହେଉଥିବା ଯୁକ୍ତିକୁ ସହଜରେ ଅସ୍ୱୀକାର କରିହୁଏ ନାହିଁ । ଗର୍ଭପାତକୁ ନେଇ ବିଭିନ୍ନ ସମାଜରେ ଆଇନଗତ ସଂଘର୍ଷର ମୂଳ କାରଣ ଭ୍ରୂଣର ଜୀବନ ସତ୍ତା ନିର୍ଦ୍ଧାରଣ । କେତେକ ଧର୍ମରେ ଗର୍ଭ ସଂଚାରକୁ ଜୀବନ ଧାରଣ ବିଚାର କରାଯାଇଥାଏ । ତେବେ ପୁରୁଷଙ୍କ ଶୁକ୍ରାଣୁ ମହିଳାଙ୍କ ଡ଼ିମ୍ବାଣୁ ସହ ମିଳନ ପରେ କେତେକ ଜଟିଳ ପ୍ରକ୍ରିୟାରେ କିଛି ସମୟ ଅତିବାହିତ ହୋଇଥାଏ । ତେଣୁ କେଉଁ ଅବସ୍ଥାକୁ ଜୀବନର ଉନ୍ମେଷ ରୂପେ ଗ୍ରହଣୀୟ, ସେହି କ୍ଷେତ୍ରରେ ବିବାଦ ଉପୁଜିଥାଏ ।

ବାର୍ଦ୍ଧକ୍ୟରେ ମଲିକ୍ୟୁଲ ଓ ସେଲ ସ୍ତରରେ ରାସାୟନିକ ପରିବର୍ତ୍ତନ ଶାରୀରିକ ଅବନତିର ମୁଖ୍ୟକାରଣ । ଶାରୀରିକ ଓ ମାନସିକସ୍ତରରେ ରୁଗଣ ହୋଇ ଅବଶେଷରେ ମନୁଷ୍ୟ ମୃତ୍ୟୁମୁଖରେ ପଡ଼େ । ଶରୀରରେ ଜୀବକୋଷ ଗୁଡ଼ିକ ପରସ୍ପର ମଧ୍ୟରେ ନିରନ୍ତର ଯୋଗାଯୋଗ ରଖି ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପରିଚାଳନାରେ ସହାୟକ ହୋଇଥାନ୍ତି । ଏକକ ଶରୀରରେ ଉପଲବ୍ଧ ଜୀବକୋଷଗୁଡ଼ିକର ସମୀକରଣରେ ବ୍ୟକ୍ତିତ୍ୱ ବିକଶିତ ହୋଇଥାଏ । ଅବଶ୍ୟ ଆମ ଶରୀରରେ ଜୀବକୋଷ ମାନଙ୍କର ନିରନ୍ତର ମୃତ୍ୟୁ ଘଟିଥାଏ ଏବଂ ନୂତନ ଜୀବକୋଷ ମଧ ସୃଷ୍ଟି ହୋଇଥାଏ । ପୁଣି କେତେକ ଜୀବକୋଷ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମାପନ ପରେ ଆପେ ଆପେ ଉଭେଇ ଯାଆନ୍ତି ।

ଆଧୁନିକ ସଭ୍ୟତାରେ ମନୁଷ୍ୟ ନିଜ ମୃତ୍ୟୁ ସଂପର୍କରେ ପୂର୍ଣ୍ଣ ସଚେତନ ଥିବା ସତ୍ତ୍ୱେ ମୃତ୍ୟୁକୁ ଏଡ଼ାଇ ଦେବା ନିମନ୍ତେ ସଦାସର୍ବଦା ଚେଷ୍ଟିତ । ଯୁବାବୟସରୁ ରୋଗବ୍ୟାଧି, ଦୁର୍ଘଟଣା, ଶତ୍ରୁ ଭଳି ବିପଦରୁ କୌଶଳକ୍ରମେ ଦୂରେଇ ରହିବା ଶିଖିଥାଏ । ସାଧାରଣରେ ମୃତ୍ୟୁ-ଅସ୍ୱୀକାରରେ ଚାରିବର୍ଗ ମଧ୍ୟରୁ ପ୍ରଥମ ବର୍ଗ ଯେତେ ସମୟ ପର୍ଯ୍ୟନ୍ତ ସଂଭବ ବ* ରହିବାରେ ଆଶା ରଖନ୍ତି । ଦ୍ୱିତୀୟ ବର୍ଗ ପୂର୍ବଜନ୍ମରେ ବିଶ୍ୱାସ କରି ମୃତ୍ୟୁପରେ ମଧ ଅସ୍ତିତ୍ୱ ସଂଭବ ଥିବା ଧରି ନିଅନ୍ତି । ତୃତୀୟ ବର୍ଗ ଶରୀରର ମୃତ୍ୟୁ ସତ୍ତ୍ୱେ ଆତ୍ମା ବ*ରହିବା ଦର୍ଶନ-ଆଶ୍ରିତ । ଚ଼ତୁର୍ଥ ବର୍ଗ ନିଜ ମୃତ୍ୟୁ ପରେ ସନ୍ତାନ-ସନ୍ତତି, ବଂଶଧର, କୀର୍ତ୍ତି ଓ ଯଶ ବ* ରହିବା ଆଶ୍ୱାସନାର ବଶବର୍ତ୍ତୀ । ଓ୍ୱେଙ୍କି ପଚାରନ୍ତି, ନିଜେ ଚାଲିଯିବା ନିଶ୍ଚିତ ଥିବା ସତ୍ତ୍ୱେ ମାନବ-ମାନସିକତା ମୃତ୍ୟୁ ପରେ ଅନ୍ତତଃପକ୍ଷେ ଅନ୍ୟମାନଙ୍କ ମନେ ରହିବା ପାଇଁ ଉଦ୍ୟମରେ ଗୁରୁତ୍ୱ ଦେବା କୌତୁହଳୋଦ୍ଦୀପକ ନୁହେଁ କି ? ବାର୍ଦ୍ଧକ୍ୟ ଓ ମୃତ୍ୟୁ ସମ୍ମୁଖୀନ ହେବା ନିମନ୍ତେ ପ୍ରାକୃତିକ ଭୟ ମନୁଷ୍ୟକୁ ଜୀବଦ୍ଦଶା ବୃଦ୍ଧି ପ୍ରତି ଆଗ୍ରାହାନ୍ୱିତ କରିଥାଏ । ବିଶ୍ୱର ବହୁ ବିତ୍ତଶାଳୀ ବାର୍ଦ୍ଧକ୍ୟ ପରାହତ ଗବେଷଣାରେ ବିପୁଳ ଅର୍ଥ ବିନିଯୋଗ କରୁଥିବା ଦେଖିବାକୁ ମିଳେ । ନୂତନ ବୈଜ୍ଞାନିକ ଉଦ୍ଭାବନମାନ ଦୀର୍ଘ ଜୀବନ ନିମନ୍ତେ ବିଭିନ୍ନ ପ୍ରତିଶୃତି ବହନ କରିଥାଏ । ଜନଜୀବନରେ ଏହାର ଚର୍ଚ୍ଚା ନିମନ୍ତେ କ୍ରମଶଃ ବହୁ ସଂଖ୍ୟକ ପୁସ୍ତକ ରଚନା କରାଯାଉଛି । ପ୍ରଥମ ଶ୍ରେଣୀରେ କେତେକ ପୁସ୍ତକ ବାର୍ଦ୍ଧକ୍ୟରେ ସୁସ୍ଥ ଜୀବନଯାପନ ନିମନ୍ତେ ଉପଦେଶାବଳୀ ଆଧାରିତ । ଦ୍ୱିତୀୟ ଶ୍ରେଣୀର ପୁସ୍ତକ ସସମ୍ମାନେ ବାର୍ଦ୍ଧକ୍ୟ ଜୀବନଯାପନ ଓ ମୃତ୍ୟୁବରଣ ବିଷୟରେ ନୈତିକ ଓ ଦାର୍ଶନିକ ଦୃଷ୍ଟିକୋଣ ଉପସ୍ଥାପନ କରିଥାନ୍ତି । ତୃତୀୟ ଶ୍ରେଣୀରେ ଜୀବବିଜ୍ଞାନ ଦୃଷ୍ଟିରୁ ବାର୍ଦ୍ଧକ୍ୟ ଅନୁଶୀଳନ ବର୍ଣ୍ଣିତ । ଏହିଭଳି ପୁସ୍ତକଗୁଡ଼ିକର ସାମ୍ବାଦିକ ଓ ବୈଜ୍ଞାନିକମାନେ ରଚୟିତା । ଓ୍ୱେଙ୍କି ରାମକ୍ରିଷ୍ଣନ ଜଣେ ଜୀବତତ୍ତ୍ୱବିତ ଭାବେ ଅର୍ଦ୍ଧ ଶତାବ୍ଦୀ ଧରି ଅଧ୍ୟୟନ ଓ ଗବେଷଣାପରେ ବାର୍ଦ୍ଧକ୍ୟ ସଂପର୍କୀତ ନିଜ ଦୃଷ୍ଟିକୋଣ ଉପସ୍ଥାପନ କରିବା ନିମନ୍ତେ ୩୨୦ ପୃଷ୍ଠାର ଏକ ପୁସ୍ତକ ରଚନା କରିଛନ୍ତି ।

ଓ୍ୱେଙ୍କିଙ୍କ ବୟସ ୨୦୨୪ରେ ୭୧ ବର୍ଷ । ତାଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ, ଏହିଭଳି ଏକ ପୁସ୍ତକ ରଚନା ପରେ ସେ ନିଜେ ନିଜ ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟା ସଂପର୍କରେ କ'ଣ ଉପଲବ୍ଧି ହାସଲ କଲେ । ଓ୍ୱେଙ୍କି କହିଥିଲେ, ସଫଳ ବାର୍ଦ୍ଧକ୍ୟ ଜୀବନଯାତ୍ରା ନିମନ୍ତେ ଅଳ୍ପ ଆହାର, କର୍ମଠ ଜୀବନ ଓ ପର୍ଯ୍ୟାପ୍ତ ନିଦ୍ରା ଜରୁରୀ । ବାର୍ଦ୍ଧକ୍ୟରେ ମନୁଷ୍ୟ ନିଜ ଶରୀର ଆବଶ୍ୟକତା ଅନୁଯାୟୀ ଖାଦ୍ୟ ଖାଇବା ଉଚ଼ିତ । ତୃଣଭୋଜୀ ହେବା ଲାଭଜନକ । ଉଭୟ ଶାରୀରିକ ଓ ମାନସିକସ୍ତରରେ କର୍ମବ୍ୟସ୍ତତା ବାର୍ଦ୍ଧକ୍ୟ ଜୀବନଯାତ୍ରାକୁ ସରଳ ଓ ସୁଗମ କରିଥାଏ । ସୁସ୍ଥ ବାର୍ଦ୍ଧକ୍ୟ ଉପଭୋଗ ନିମନ୍ତେ ନିଦ୍ରା ଉପଯୋଗୀ । ନୋବାଲ-ବିଜୟୀ ବୈଜ୍ଞାନିକଙ୍କ ଏହି ପରାମର୍ଶଗୁଡ଼ିକ ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟାରେ ଅତ୍ୟନ୍ତ ଉପଯୋଗୀ ମନେହୁଏ ।

# ସାଧନାରେ ସର୍ବୋପରି ହେଉଛି ସମର୍ପଣ

ସାଧନାରେ ସାଧକ ସକାଶେ ଯେଉଁ ତତ୍ତ୍ୱର ସର୍ବାଧିକ ଓ ସର୍ବୋପରି ମହତ୍ତ୍ୱ ରହିଛି, ତାହା ହେଉଛି ସମର୍ପଣ । ସାଧକର, ଶିଷ୍ୟର, ଭକ୍ତର ନିଜ ଆରାଧ୍ୟଙ୍କ ପ୍ରତି ସମର୍ପଣ ଇଷ୍ଟଙ୍କ ପ୍ରତି ସମର୍ପଣ, ଭଗବାନଙ୍କ ପ୍ରତି ସମର୍ପଣ, ଗୁରୁଙ୍କ ପ୍ରତି ସମର୍ପଣ ।

ସମର୍ପଣର ଅର୍ଥ ସର୍ବସ୍ୱ ଅର୍ପଣ । ନିଜର ଆରାଧ୍ୟଙ୍କ ପ୍ରତି ସାଧକ, ଶିଷ୍ୟ, ଭକ୍ତର ସର୍ବସ୍ୱ ଅର୍ପଣ ହିଁ ସମର୍ପଣ । ଏହି ସମର୍ପଣ, ଏହି ଅର୍ପଣ, ସାଧାରଣ ନୁହେଁ, ଅସାଧାରଣ । କାହିଁକି ? କାରଣ ଏପରି ସମର୍ପଣ ସମସ୍ତେ କରିପାରନ୍ତି ନାହିଁ ।

କୌଣସି ସଚ୍ଚା ଶିଷ୍ୟ, ସାଧକ ଓ ଭକ୍ତ ହିଁ ନିଜର ମୁଁ ସର୍ବସ୍ୱ ଅର୍ପଣ କରିପାରେ, ସମର୍ପଣ କରିପାରେ କାରଣ ସମର୍ପଣ ପରେ ସାଧକର, ଶିଷ୍ୟର, ଭକ୍ତର ନିଜର କିଛି ରହିଯାଏ ନାହିଁ ; ତା'ର ସବୁ କିଛି ତା' ଭଗବାନଙ୍କର, ତା' ଆରାଧ୍ୟଙ୍କର, ତା' ଗୁରୁଙ୍କର ହୋଇଯାଏ । ଏପରିକି ସାଧକ ସ୍ୱୟଂ ମଧ୍ୟ ସବୁ ପ୍ରକାରେ ଭଗବାନଙ୍କର, ଆରାଧ୍ୟଙ୍କର, ଇଷ୍ଟଙ୍କର, ଗୁରୁଙ୍କର ହୋଇଯାଏ । ତା'ର ତନୁ, ମନ, ପ୍ରାଣ, ବୁଦ୍ଧି, ଆତ୍ମା ସବୁ ଉପରେ ତା' ଭଗବାନଙ୍କର, ଆରାଧ୍ୟଙ୍କର, ଈଶ୍ୱରଙ୍କର, ଗୁରୁଙ୍କର ଆଧିପତ୍ୟ ହୋଇଯାଏ । ସେଥିପାଇଁ ଏହି ସମର୍ପଣ ଅସାଧାରଣ ।

ଏହା ମହାସମର୍ପଣ, ମହାଅର୍ପଣ, ମହାଦାନ, ଆତ୍ମଦାନ, ଆତ୍ମସମର୍ପଣ ଅଟେ । ଏହି ସମର୍ପଣରେ ସାଧକ ମଧ୍ୟରେ କିଛି ପାଇବାର ନୁହେଁ, ବରଂ ନିଜର ସର୍ବସ୍ୱ ନିଜ ଆରାଧ୍ୟଙ୍କୁ ଅର୍ପଣ କରିଦେବାର ଉଗ୍ରତା, ବ୍ୟଗ୍ରତା, ବ୍ୟାକୁଳତା, ଆକୁଳତା, ତତ୍ପରତା, ତୃଷ୍ଣା ରହିଥାଏ । ପରମାତ୍ମାଙ୍କ ପ୍ରେମରେ ପ୍ରେମୋନ୍ମତ୍ତ ସାଧକ ଏହି ସମର୍ପଣରେ ନିଜର ଅହଂ, ଅସ୍ତିତ୍ୱ, ମନ, ବୁଦ୍ଧି, ଆତ୍ମା ଆଦି ସବୁକୁ ପରମାତ୍ମାଙ୍କ ପ୍ରେମରେ ନିମଜ୍ଜିତ କରି ପରମାତ୍ମାଙ୍କ ମଧ୍ୟରେ ହଜିଯିବାକୁ ଚାହିଁଥାଏ, ସମାପ୍ତ ହୋଇଯିବାକୁ ଚାହିଁଥାଏ । ସେ ନିଜର ଅଲଗା ଅସ୍ତିତ୍ୱ ଚାହେଁ ନାହିଁ ଏବଂ ଦେଖିବାକୁ ଗଲେ ଏହି ସମର୍ପଣରେ ସବୁ କିଛି ହରାଇ, ସବୁ କିଛି ସମାପ୍ତ କରି, ସ୍ୱୟଂକୁ ହରାଇ, ସ୍ୱୟଂକୁ ସମାପ୍ତ କରିଦେଇ ସାଧକ ଯାହା ପାଇଥାଏ, ତାହା ମଧ୍ୟ ସାଧାରଣ ନୁହେଁ, ଅସାଧାରଣ ହୋଇଥାଏ ।

ବୀଜ ଯେତେବେଳେ ମାଟିରେ ସ୍ୱୟଂକୁ ବିସର୍ଜନ କରିଦିଏ, ସମର୍ପଣ କରିଦିଏ, ସେତେବେଳେ ସେହି ବୀଜ ବୃକ୍ଷ ହୋଇପାରେ । କିନ୍ତୁ ପ୍ରଥମେ ତାକୁ ବୀଜ ରୂପରେ ନିଜର ବିସର୍ଜନ, ସମର୍ପଣ କରିବାର ସାହସ ଦେଖାଇବାକୁ ହୋଇଥାଏ । ସରିତଗୁଡ଼ିକ ମହାସାଗର ହୋଇଯାନ୍ତି ।

ସେହିପରି ସାଧକ ନିଜର ସମ୍ପୂର୍ଣ୍ଣ ବିସର୍ଜନ ନ କରିବା ପର୍ଯ୍ୟନ୍ତ ନିଜ ସାଧନା ବଳରେ ଭଲା କିଛି ଲୌକିକ, ପାରଲୌକିକ ସୁଖ-ସୁବିଧା ପ୍ରାପ୍ତ କରି ପାରେ । କିନ୍ତୁ ଯେତେବେଳେ ସେ ଲୌକିକ-ପାରଲୌକିକ ସୁଖ-ସୁବିଧା, ଋଦ୍ଧି-ସିଦ୍ଧି ଗୁଡ଼ିକୁ ଖାତିର ନ କରି । ହାନି-ଲାଭ, ଆଶା-ଆକାଂକ୍ଷାର ପରବାୟ ନ କରି, ଏପରିକି ନିଜ ଅସ୍ତିତ୍ୱର ପରବାୟ ନ କରି ନିଜେ ନିଜକୁ ନିଜର ଆରାଧ୍ୟଙ୍କୁ, ଭଗବାନଙ୍କୁ, ଗୁରୁଙ୍କୁ ଅର୍ପଣ କରିଦିଏ । ସେତେବେଳେ ସେ ପରମାତ୍ମା ସହିତ ମିଶି ଏକାକାର ହୋଇଯାଏ ।

ଯେତେବେଳେ ସେ ସନ୍ଥ ଏକନାଥ, ସୁରଦାସ, ତୁଳସୀଦାସ, ମୀରାବାଈ, ନରସୀ ମେହେଟ୍ଟା, ସନ୍ଥ ରବିଦାସ, ସ୍ୱାମୀ ରାମକୃଷ୍ଣ ପରମହଂସ, ଭଳି ଭଗବଦ୍ ଭକ୍ତମାନଙ୍କ ପରି ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଦିଏ, ସେତେବେଳେ ସେ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କର ହୋଇଯାଏ ଏବଂ ଭଗବାନ ତା'ର ହୋଇଯାନ୍ତି । ଭଗବାନ ତା'ର ରୋମ ରୋମରେ ଅଭିବ୍ୟକ୍ତ ହୁଅନ୍ତି । ଭଗବାନ ସ୍ୱୟଂ ତା' ଆଖିରେ ଦେଖନ୍ତି । ଭଗବାନ ତା'ର ପାଦରେ ଚାଲନ୍ତି, ତା' ହାତରେ ପ୍ରତ୍ୟେକ କର୍ମ କରିବାରେ ଲାଗନ୍ତି । ଭଗବାନ ତା'ର ହୃଦୟ ଗୁମ୍ଫାରେ ସ୍ଥିତ ଆତ୍ମାରେ ଅବତରଣ କରନ୍ତି । ସେତେବେଳେ ସେ ଭଗବାନଙ୍କର ଯନ୍ତ୍ର ରୂପେ ସୌଭାଗ୍ୟର ପାତ୍ର ହୋଇଯାଏ ।

ସେଥିପାଇଁ ସେ ସମ୍ପୂର୍ଣ୍ଣ ରୂପେ ନିର୍ଭୟର, ନିର୍ଭିକ ଓ ନିର୍ଦ୍ଧ ହୋଇଯାଏ । ପ୍ରତିକ୍ଷଣ ଭଗବାନ ଅଦୃଶ୍ୟ ରୂପେ ତା'ର ସାଥୀ ହୋଇଥାନ୍ତି । ତା' ଜୀବନ ଡୋର, ଗୁଡିର ସୂତା ପରି ଏବେ ପୂର୍ଣ୍ଣତଃ ଭଗବାନଙ୍କ ହାତରେ ରହିଥାଏ । ଭଗବାନ ତା' ଜୀବନର ଗୁଡ଼ିକୁ ସ୍ୱୟଂ ନିଜ ହାତରେ ଅସୀମିତ ଅସୀମ ଆକାଶରେ ଉଡାନ୍ତି ଏବଂ ସେ ଆନନ୍ଦିତ ହୋଇଯାଏ ।

ଯେଉଁ ଗୁଡିର ସୂତା ଭଗବାନଙ୍କ ହାତରେ ଅଛି, ତାକୁ କଟିଯାଇ ତଳେ ପଡ଼ିବାର କୌଣସି ଭୟ ନ ଥାଏ । ଭଗବାନ ତା'ର ହୃଦୟରେ ସତ୍ୟ, ପ୍ରେମ, କରୁଣା, ଆନନ୍ଦ ହୋଇ ପ୍ରବାହିତ ହୁଅନ୍ତି ଏବଂ ସେ ହୋଇଯାଏ । ସେ ପ୍ରତ୍ୟେକ ପ୍ରକାରେ ନିଶ୍ଚିତ, ନିର୍ଭୟ ଓ ନିର୍ଦ୍ୱନ୍ଦ୍ୱ ହୋଇଯାଏ । କାରଣ ଭଗବାନଙ୍କୁ ଅର୍ପିତ ସାଧକର ଯୋଗକ୍ଷେମ ସ୍ୱୟଂ ଭଗବାନ ହିଁ ବହନ କରନ୍ତି ।

ସେଥିପାଇଁ ତ ସେ ନରସୀ ମେହେଟ୍ଟା, ସନ୍ଥ ରବିଦାସ, ସୁରଦାସ, ସନ୍ଥ ନାମଦେବ, ସନ୍ଥ ଏକନାଥଙ୍କ ପରି ଭକ୍ତମାନଙ୍କ ବ୍ୟକ୍ତିଗତ ଓ ପାରିବାରିକ ଦାୟିତ୍ୱ ଗୁଡ଼ିକର ନିର୍ବହନ କରିବା ପାଇଁ ବିବିଧ ପ୍ରକାର ବେଶ ଧାରଣ କରି ସ୍ୱୟଂକୁ ଅଭିବ୍ୟକ୍ତ କରିଥାନ୍ତି । ଜୀବନର କଠିନତମ ପରିସ୍ଥିତି ଗୁଡ଼ିକରେ ଭଗବାନ ଦୃଶ୍ୟ-ଅଦୃଶ୍ୟ ରୂପେ, ଯେକୌଣସି ବେଶରେ ଭକ୍ତର ସହାୟତା କରିବା ପାଇଁ ପ୍ରକଟ ହୋଇଥାନ୍ତି ।

ପରନ୍ତୁ ଏସବୁ ଭକ୍ତର ସମର୍ପଣ ଉପରେ ନିର୍ଭର କରେ । ସାଧକ ଠାରେ ସମର୍ପଣର ଏହି ଭାବ ରାତାରାତି ଉଦୟ ହୋଇଯାଏ ନାହିଁ । ନିଜର ନିୟମିତ ଭଗବଦ୍ ଭକ୍ତି ଦ୍ୱାରା ପ୍ରଥମେ ତା'ର ଚିତ୍ତ, ଚିଦାକାଶ ସ୍ୱଚ୍ଛ ହୋଇଯାଏ ଏବଂ ତା' ମନରେ ସତ୍- ଚିତ୍-ଆନନ୍ଦ ସ୍ୱରୂପ ଭଗବାନଙ୍କ ବିଷୟରେ ସମ୍ୟକ୍ ଜ୍ଞାନ ଉଦୟ ହୋଇଥାଏ ।

ସମ୍ୟକ୍ ଜ୍ଞାନ ଉଦୟ ହେଲେ ଭଗବାନଙ୍କ ପ୍ରତି ତା'ର ପ୍ରୀତି ବଢ଼ିଯାଏ । ଶ୍ରଦ୍ଧା ଗଭୀରରୁ ଗଭୀରତର ହୋଇଯାଏ ଏବଂ ସେ ପରମାତ୍ମାଙ୍କ ପ୍ରେମରେ ଉନ୍ମତ୍ତ ହୋଇଯାଏ । ସେତେବେଳେ ପ୍ରେମୋନ୍ମତ୍ତତାର ସେହି ଭାବଦଶାରେ ସେ ହାନି-ଲାଭ, ତର୍କ-କୁତର୍କ, ଆଶଙ୍କା- କୁଶଙ୍କା, ଆଶା-ଆକାଂକ୍ଷା ଆଦିକୁ ତିଳାଞ୍ଜଳି ଦେଇ ସ୍ୱୟଂକୁ ସମ୍ପୂର୍ଣ୍ଣ ରୂପେ ପରମାତ୍ମାଙ୍କୁ ଅର୍ପଣ କରିଦିଏ, ସମର୍ପଣ କରିଦିଏ ।

ଏଣୁ ସତକଥା ହେଲା- ସମର୍ପଣରେ, ଅର୍ପଣରେ କିଛି ପ୍ରାପ୍ତ ହୁଏ ନାହିଁ, ବରଂ ସବୁ କିଛି ଛାଡିବାକୁ ପଡିଥାଏ ଏବଂ ପରମାତ୍ମସାଗରରେ ସିଧା ଲମ୍ଫ ଦେବାକୁ ହୋଇଥାଏ । ଯିଏ ବି ଏହି ସାହସ, ଏହି ମହାସମର୍ପଣ, ମହାଅର୍ପଣ କରିପାରେ, ସେ ସ୍ୱୟଂ ମଧ୍ୟ ସାଗର ହୋଇପାରେ, ମହାସାଗର ହୋଇଯାଏ । ସେ ଉପରୁ, ବାହ୍ୟଦୃଷ୍ଟିରୁ, ସ୍ଥୂଳଦୃଷ୍ଟିରୁ ତ ପୂର୍ବବତ୍ ଦେଖାଯାଏ, କିନ୍ତୁ ଭିତରୁ ସେ ଅସାଧାରଣ ହୋଇପାରେ ।

ପରମାତ୍ମାଙ୍କ ପ୍ରେମରେ ତା'ର କାୟା, ମନ, ପ୍ରାଣ, ବୁଦ୍ଧି, ଆତ୍ମା ସବୁ ଦିବ୍ୟ ହୋଇଯାଏ, ତାପରେ ତା'ର ଆନନ୍ଦ କଥା କ'ଣ କହିବା ? ମୂକ ଗୁଡ଼ ଖାଇପାରେ, କିନ୍ତୁ ଗୁଡ଼ର ସ୍ୱାଦର ବ୍ୟାଖ୍ୟାନ କରିପାରେ ନାହିଁ । ଭଗବତ୍ ପ୍ରେମୋନ୍ମାଦ ଓ ସେଥିରୁ ନିଃସୃତ ଆନନ୍ଦରେ ତା'ର ରୋମ ପୁଲକିତ ହୋଇଉଠେ । ସମର୍ପଣରେ କିଛି କରାଯାଏ ନାହିଁ, ବରଂ ଯାହା କିଛି ଅଛି, ତାହାକୁ ଛାଡ଼ିବାକୁ ପଡ଼ିଥାଏ । ମୁଁ କିଛି କରିପାରିବି, ମୁଁ ଏପରି କରି ପାରିବି, ମୁଁ ସେପରି କରି ପାରିବି- ଏସବୁ ବିଚାର, ଭାବ ମଧ୍ୟ ଛାଡିବାକୁ ପଡେ ।

ନିଜର ଅହଂ, ଅସ୍ତିତ୍ୱ ସବୁ କିଛି ଛାଡିବାକୁ ପଡେ । ସମର୍ପିତ ସାଧକ ମନରୁ ଇଚ୍ଛା, କାମନା, ଯାଚନା, ଆଶଙ୍କା ସବୁ ଅନାୟାସ ଝରିବାରେ ଲାଗେ । ତାପରେ ତା' ମନରେ, ପ୍ରାଣରେ, ବୁଦ୍ଧିରେ, ଆତ୍ମାରେ ପରମାତ୍ମା ତାଜା ସୁଗନ୍ଧିତ ପବନ ଭଳି ପ୍ରବାହିତ ହୁଅନ୍ତି, ମହକନ୍ତି । ତା'ର ହୃଦୟରେ, ଆତ୍ମାରେ ପରମାତ୍ମାଙ୍କ ମଧୁର ଗୀତ ଗୁଞ୍ଜରିତ ହୁଏ ।

ସେ ପରମାତ୍ମାଙ୍କ ଅଧରରେ ବଂଶୀ ହୋଇ ବସିଥାଏ ଓ ପରମାତ୍ମା ସେହି ବଂଶୀରେ ନିତ୍ୟ ମଧୁର ଗୀତର ସ୍ୱର ଭରିଥାନ୍ତି । ସେହି ଗୀତରେ, ସଙ୍ଗୀତରେ ସାଧକର ମନମୟୂର ନାଚି ଉଠେ । ସେ ପରମାତ୍ମାଙ୍କ ଦିବ୍ୟ ସ୍ୱରୂପର ଧ୍ୟାନ କରି ଆତ୍ମବିଭୋର, ଆତ୍ମହ୍ଲାଦିତ ହୋଇଯାଏ ।

ଭଲା ଏଭଳି ସମର୍ପିତ ସାଧକର ସୌଭାଗ୍ୟକୁ ଶବ୍ଦରେ କିପରି ପ୍ରଶଂସା କରାଯାଇ ପାରିବ ? ପ୍ରଭୁଙ୍କୁ ସମର୍ପିତ ସାଧକ ସମକ୍ଷରେ ସମସ୍ତ ବିପରୀତ ପରିସ୍ଥିତି ମଧ୍ୟ ତା'ର ଅନୁକୂଳ ହୋଇଯାଏ । ପ୍ରକୃତି ମଧ୍ୟ ତା'ର ସହଚର ଓ ସହଯୋଗୀ ହୋଇଯାଏ ।

ପ୍ରହ୍ଲାଦଙ୍କ ସମ୍ମୁଖକୁ କଠିନରୁ କଠିନ ପରିସ୍ଥିତି ଆସିଲା, କିନ୍ତୁ ସେସବୁ ତାଙ୍କର ସମର୍ପଣର ପ୍ରଭାବରେ ଏବଂ ପ୍ରଭୁକୃପାରୁ ପ୍ରଭାବହୀନ ହୋଇଗଲା । ପ୍ରହ୍ଲାଦଙ୍କୁ ମାରିବା ପାଇଁ ତାଙ୍କୁ ପର୍ବତ ତଳକୁ ଫିଙ୍ଗାଗଲା, ହାତୀ ଦ୍ୱାରା ଦଳି ଦିଆଗଲା, ତାଙ୍କୁ ବିଷ ପିଆଗଲା, ଅଗ୍ନି ମଧ୍ୟରେ ରଖାଗଲା, କିନ୍ତୁ ତାଙ୍କ ସମର୍ପଣ ଶକ୍ତି ସମକ୍ଷରେ ତାଙ୍କୁ ମାରିଦେବାର ସମସ୍ତ ପ୍ରୟାସ ନିଷ୍ଫଳ ସାବ୍ୟସ୍ତ ହେଲା ।

କେଉଁଠି ଅଛନ୍ତି ତୋର ଭଗବାନ ? ହିରଣ୍ୟକଶିପୁ ଏପରି କହିବାରୁ ପ୍ରହ୍ଲାଦ କହିଲେ- 'ପିତାଜି ! ଭଗବାନ କେଉଁଠି ବା ନାହାନ୍ତି । ମୋ ଭିତରେ, ଆପଣଙ୍କ ଭିତରେ ଓ ଏଇ ସ୍ତମ୍ଭ ଭିତରେ, ସବୁଥିରେ ଅଛନ୍ତି ଭଗବାନ । ଭଗବାନ ସର୍ବତ୍ର ବିଦ୍ୟମାନ । ସେତିକିବେଳେ ଭଗବାନ ଶ୍ରୀମନ୍ନାରାୟଣ ନୃସିଂହ ରୂପ ଧାରଣ କରି ସ୍ତମ୍ଭ ମଧ୍ୟରୁ ପ୍ରକଟ ହୋଇଗଲେ । ଯଦି ସାଧକର ସମର୍ପଣ ଏହି ସ୍ତରର ହୁଏ, ତାହେଲେ ସାଧକ ପାଇଁ, ଭକ୍ତ ପାଇଁ ପ୍ରଭୁ କ'ଣ ବା ନ କରନ୍ତି ।

ଏଣୁ ସମର୍ପଣ ସାଧନାର ସର୍ବସ୍ୱ । ଏହା ସାଧକ, ଶିଷ୍ୟ ଓ ଭକ୍ତମାନଙ୍କ ପାଇଁ ସର୍ବାଧିକ ଏବଂ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ । ଗୋସ୍ୱାମୀ ତୁଳସୀଦାସ ମଧ୍ୟ ସ୍ୱୟଂକୁ ନିଜର ଇଷ୍ଟଦେବ ଭଗବାନ ଶ୍ରୀରାମଙ୍କ ଚରଣରେ ଅର୍ପଣ କରିଦେଲେ । ଇଷ୍ଟଦେବ ମୋତେ ଯେଉଁ ରୂପରେ ଆପଣେଇନେଲେ ବି ମୋର ସର୍ବଭାବେ ହିତ ହିଁ ହେବ-ଏହି ବିଶ୍ୱାସ ଥିଲା । ତୁଳସୀଦାସଙ୍କର । ନିଜର ସେହି ସମର୍ପଣ ଭାବକୁ ଅଭିବ୍ୟକ୍ତ କରି 'ବିନୟ ପତ୍ରିକା'ରେ ସେ ଲେଖିଛନ୍ତି-

ବ୍ରହ୍ମ ତୁ, ହୌ ଜୀବ, ତୂ ହୈ ଠାକୁର, ହୌ ଚେରୋ । ତାତ- ମାତ, ଗୁରୁ-ସଖା ତୂ ସବ ବିଧ୍ଂ ହିନ୍ଦୁ ମେରୋ ।।

ତୋହିଂ ମୋହିଂ ନାତେ ଅନେକ, ମାନିୟେ ଜୋ ଭାୱୈ । ତ୍ୟୋ ତୁଳସୀ କୃପାଲୁ ! ଚରନ-ସରନ ପାୱୈ ।।

ଅର୍ଥାତ୍ ତୁ ବ୍ରହ୍ମ, ମୁଁ ଜୀବ । ତୁ ସ୍ୱାମୀ, ମୁଁ ସେବକ । ତୁ ହିଁ ମୋର ମାତାପିତା, ଗୁରୁ, ବନ୍ଧୁ ଓ ସବୁ ପ୍ରକାରେ ହିତକାରୀ । ମୋର ତୋ ସହିତ ଅନେକ ସମ୍ବନ୍ଧ ରହିଛି । ତେଣୁ ତତେ ଯେଉଁ ସମ୍ବନ୍ଧ ଭଲ ଲାଗିବ, ତାହା ମାନିନିଅ, କିନ୍ତୁ କଥା ହେଉଛି, କୃପାଳୁ ! ଯେକୌଣସି ମତେ ତୁଳସୀଦାସ ତୋର ଚରଣର ଶରଣ ପାଇଯାଉ ।

ବାସ୍ତବରେ ପ୍ରଭୁଙ୍କୁ ପୂର୍ଣ୍ଣ ରୂପେ ସମର୍ପିତ ସାଧକ, ଭକ୍ତର ହିଁ ଏପରି ଭାବଦଶା ହୋଇପାରେ, ଯେପରି ତୁଳସୀଦାସଙ୍କର ନିଜର ଆରାଧ୍ୟ ଭଗବାନ ଶ୍ରୀରାମଙ୍କ ପ୍ରତି ଥିଲା । ସମର୍ପଣର ସର୍ବୋଚ୍ଚ ଭାବଦଶାରେ ହିଁ ମୀରା ନିଜର ଆରାଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ଗାଉଥିଲେ ।

ସନ୍ଥ ରୈଦାସ କହିଛନ୍ତି – ମୋ ମନରେ ରାମ ନାମର ଯେଉଁ ରଟ ଲାଗିଛି, ଏବେ ତାହା ଆଉ ଛାଡିହେବ ନାହିଁ । ହେ ପ୍ରଭୁଜୀ ! ଆପଣ ଚନ୍ଦନ ଓ ପାଣି, ଯାହାର ସୁଗନ୍ଧ ମୋର ଅଙ୍ଗ ଅଙ୍ଗରେ ସମାହିତ ।

ସେ କହିଛନ୍ତି- ହେ ପ୍ରଭୁ ! ଆପଣ ଏହି ଉପବନର ବୈଭବ ଏବଂ ମୁଁ ମୟୂର । ମୋ ଦୃଷ୍ଟି ଆପଣଙ୍କ ଉପରେ ଲାଖି ରହିଛି । ଚକୋର ଯେପରି ଚନ୍ଦ୍ର ଆଡକୁ ଚାହିଁ ରହିଥାଏ, ସେହିପରି ମୋର ମନ ମଧ୍ୟ ସର୍ବଦା ଆପଣଙ୍କ ଉପରେ ଲାଖି ରହିଥାଏ । ଆପଣଙ୍କ ଠାରୁ ପୃଥକ୍ ରହି ମୋର କୌଣସି ଅସ୍ତିତ୍ୱ ନାହିଁ ।

ସେ ଆଗକୁ ପୁଣି କହିଛନ୍ତି- ହେ ଈଶ୍ୱର ! ଆପଣ ଦୀପ ଓ ମୁଁ ସେହି ଦୀପର ବତି, ଯାହାର ଜ୍ୟୋତି ଦିନରାତି ଜଳିଥାଏ । ହେ ପ୍ରଭୁ ! ଆପଣ ମୋତି ଓ ମୁଁ ସେହି ମୋତିକୁ ଗୁନ୍ଥୁଥିବା ସୂତା । ଏହା ସେହି ପ୍ରକାର ସ୍ଥିତି, ଯେପରି ସୁନା ଓ ସୌହାଗା ମିଶିଲେ ହୋଇଥାଏ । ହେ ଈଶ୍ୱର ! ମୁଁ ସର୍ବଦା ଆପଣଙ୍କ ପାଖରେ ରହିବାକୁ ଚାହୁଁଛି । ହେ ପ୍ରଭୁ ! ଆପଣ ସ୍ୱାମୀ ଓ ମୁଁ ଆପଣଙ୍କର ଦାସ ।

ସାଧନାର ଉଦ୍ଦେଶ୍ୟ ଓ ସମର୍ପଣର ମହତ୍ତ୍ୱକୁ ଜନସାଧାରଣଙ୍କ ସମକ୍ଷରେ ପ୍ରକାଶିତ କରି ଶ୍ରୀଅରବିନ୍ଦ କହିଛନ୍ତି – 'ସାଧକ ଯେଉଁ ଜିନିଷ ପାଇବା ପାଇଁ ଚେଷ୍ଟା କରିବା କଥା, ତାହା ହେଉଛି ଭଗବାନଙ୍କ ପ୍ରତି ପୂର୍ଣ୍ଣ ଉଦ୍‌ଘାଟନ, ନିଜ ଚେତନାର ଚୈତ୍ୟ ରୂପାନ୍ତରଣ, ଆଧ୍ୟାତ୍ମିକ ରୂପାନ୍ତରଣ । ସାଧକ ଭାଗବତ ଉପସ୍ଥିତି ଓ ଚୈତନ୍ୟରେ ପ୍ରବେଶ କରିବା ଏବଂ ତାହା ଦ୍ୱାରା ଅଧିକୃତ ହେବା ଉଚିତ । ସେ ପୁଣି କହିଛନ୍ତି- 'ଏକମାତ୍ର ଭଗବାନଙ୍କ ପାଇଁ ଭଗବାନଙ୍କୁ ପ୍ରେମ କରିବା, ନିଜ ପ୍ରକୃତିରେ ଭଗବାନଙ୍କ ପ୍ରକୃତି ସହିତ ସମସ୍ୱର ହେବା ଏବଂ ନିଜର ସଂକଳ୍ପ, କର୍ମ ଓ ଜୀବନରେ ଭଗବାନଙ୍କ ଯନ୍ତ୍ର ପାଲଟିଯିବା ଯୋଗ ସାଧନାର ଲକ୍ଷ୍ୟ ଅତିମାନବ ହେବା ଅଥବା ଅହଂର ଶକ୍ତି, ଦମ୍ଭ ବା ସୁଖ ନିମନ୍ତେ ଭଗବାନଙ୍କୁ ଧରିନେବା ନୁହେଁ ।

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ

## ଆଜିର ଚିନ୍ତନ

ଜଣେ ରାଜା ଦରବାରରେ ତିନିଟି ପ୍ରଶ୍ନ ପଚାରିଲେ- 'ଭଗବାନ କେଉଁଠି ଅଛନ୍ତି ? କ'ଣ ଖାଆନ୍ତି ? କ'ଣ କରନ୍ତି ? କେହି ତାଙ୍କ ପ୍ରଶ୍ନର ଉତ୍ତର ଦେଇ ପାରିଲେ ନାହିଁ । ପ୍ରଧାନମନ୍ତ୍ରୀ ଉତ୍ତର ଦେବାକୁ ଚାହୁଁଥିଲେ, କିନ୍ତୁ ତାଙ୍କ ମୁଣ୍ଡକୁ କିଛି ଜୁଟୁ ନ ଥିଲା । ଘରକୁ ଫେରିବା ବାଟରେ ଜଣେ ଜ୍ଞାନୀ ବାଳକ ସହିତ ତାଙ୍କର ଭେଟ ହେଲା । ବାଳକଟି ତାଙ୍କ ଚିନ୍ତାର କାରଣ ପଚାରିଲା ।

ପ୍ରଧାନମନ୍ତ୍ରୀ ସବୁ କଥା ଜଣାଇବା ପରେ ବାଳକ ତାଙ୍କୁ ସାହାଯ୍ୟ କରିବ ବୋଲି କଥା ଦେଲା । ପ୍ରଧାନମନ୍ତ୍ରୀ ତାକୁ ଦରବାରକୁ ନେଇଗଲେ ଓ ରାଜାଙ୍କୁ କହିଲେ ଯେ ଏଇ ବାଳକ ହିଁ ତାଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ଦେବ । ରାଜା ଆଶ୍ଚର୍ଯ୍ୟ ହୋଇ ତାକୁ ଦେଖିଲେ ।

ବାଳକ କହିଲା- 'ମୁଁ ଆପଣଙ୍କର ଅତିଥି । ପ୍ରଥମେ ଆପଣ ମୋତେ କିଛି ଖାଦ୍ୟପେୟ ଦିଅନ୍ତୁ । ରାଜାଙ୍କ ଆଦେଶରେ ବାଳକକୁ ଗୋଟିଏ ପାତ୍ରରେ ଦୁଧ ଦିଆଗଲା । ବାଳକଟି ଦୀର୍ଘ ସମୟ ପର୍ଯ୍ୟନ୍ତ ପାତ୍ର ଭିତରେ ଅଙ୍ଗୁଳି ବୁଲାଇଲା । ରାଜା ପଚାରିଲେ - 'ଇଏ କ'ଣ କରୁଛ ? ବାଳକ କହିଲା- 'ମୁଁ ଏଥିରୁ ଲହୁଣୀ ବାହାର କରୁଛି ।

ରାଜା ହସିଦେଇ କହିଲେ- 'ଦୁଧରେ ଅଙ୍ଗୁଳି ବୁଲାଇଲେ ଲହୁଣୀ ବାହାରେ ନାହିଁ । ଏଥିପାଇଁ ଦୁଧକୁ ଗରମ କରି ଦହି ବସାଇବାକୁ ପଡ଼େ, ତାପରେ ମନ୍ଥନ କରିବାକୁ ହୁଏ ।' ବାଳକ ତୁରନ୍ତ କହିଲା- ଭଗବାନ ଏଇ ଜଗତରେ ଲହୁଣୀ ପରି ହିଁ ଅଛନ୍ତି । ତପ, ଧ୍ୟାନ ଓ ଚିନ୍ତନ ଦ୍ୱାରା ତାଙ୍କର ସାକ୍ଷାତ୍‌କାର ସମ୍ଭବ ।'

ରାଜା ପଚାରିଲେ – 'ଏବେ କୁହ, ଭଗବାନ ଖାଆନ୍ତି କ'ଣ ? ବାଳକ କହିଲା- ମହାରାଜ ! ଆପଣଙ୍କର ପୂର୍ବର ଓ ବର୍ତ୍ତମାନର ଆଚରଣରେ କେତେ ପାର୍ଥକ୍ୟ ଅଛି । ଆପଣଙ୍କ ଅହଂକାର କେଉଁଆଡ଼େ ଗଲା ? ଆପଣଙ୍କ ଅହଂକାରକୁ ଭଗବାନ ଖାଇ ଦେଲେ ।

ରାଜା ପଚାରିଲେ- 'ଭଗବାନ କ'ଣ କରନ୍ତି ?

ବାଳକ ପଚାରିଲା- ଏହା ଆପଣ ଗୁରୁ ହୋଇ ପଚାରୁଛନ୍ତି ନା ଶିଷ୍ୟ ହୋଇ ? ରାଜା କହିଲେ- 'ଯିଏ ଜ୍ଞାନ ଦିଏ, ସେ ଗୁରୁ । ବାଳକ କହିଲା- 'କିନ୍ତୁ ଆପଣ ଗୁରୁଙ୍କୁ ତଳେ ଠିଆ କରି ରଖିଛନ୍ତି । ଏହା ଶୁଣି ରାଜା ତଳକୁ ଓହ୍ଲାଇ ଆସିଲେ ଓ ସେଇ ବାଳକକୁ ନେଇ ସିଂହାସନ ଉପରେ ବସାଇ ଦେଲେ । ବାଳକ କହିଲା- 'ଭଗବାନ ଏହା ହିଁ କରନ୍ତି । କେତେବେଳେ ଚାହିଁଲେ କାହାକୁ ସିଂହାସନ ଉପରେ ବସାଇ ଦିଅନ୍ତି ଓ କେତେବେଳେ କାହାକୁ ଓହ୍ଲାଇ ଦିଅନ୍ତି ।' ରାଜା ପ୍ରସନ୍ନ ହୋଇ ବାଳକକୁ ଅନେକ ଉପହାର ଦେଲେ ।

ବର୍ଷ ୨୮, ସଂଖ୍ୟା - ୧୪, ୦୭- ୧୩ ଅପ୍ରେଲ ୨୦୨୪

# ଜଳ ସମସ୍ୟା


**ଆମ** ପୃଥିବୀରେ ଯେତିକି ମଧୁର ଜଳ ରହିଛି, ତାହାର ଶହେଭାଗରୁ ମାତ୍ର ତିନିଭାଗ ହେଉଛି ମଧୁରଜଳ ଏବଂ ପିଇବା ଯୋଗ୍ୟ ବୋଲି ବିଭିନ୍ନ ଗବେଷଣାରୁ ଜଣାଯାଇଛି । ମାତ୍ର ସେଥିମଧରୁ ଅଧାରୁ ଅଧିକ ଭୂତଳଜଳ ଓ ଝରଣା, ପୋଖରୀଜଳ । ପୃଥିବୀରେ ଉପଲବ୍ଧ ପାନୀୟଜଳର ୬୦ ପ୍ରତିଶତ ୧୦ଟି ଦେଶରେ ଗଚ୍ଛିତ ଥିଲାବେଳେ ବାକି ୪୦ଭାଗ ଅବଶିଷ୍ଟ ୧୯୦ ଦେଶରେ ଅସମଭାବରେ ଉପଲବ୍ଧ । ସୌଭାଗ୍ୟବଶତଃ ଆମ ଭାରତବର୍ଷ ପ୍ରଥମ ୧୦ଟି ଦେଶ ମଧରେ ରହିଛି । ତଥାପି ଆମ ଦେଶର ବିଭିନ୍ନ ରାଜ୍ୟରେ ଜଳାଭାବ ବିଶେଷକରି ଖରାଦିନର ଆଗମନରେ ଅତି ଉତ୍କଟ ରୂପ ଧାରଣ କରୁଛି । ଏବେ ବେଙ୍ଗାଲୁରୁ ସହରରେ ଜଳାଭାବ ଏତେ ଉତ୍କଟହେଲାଣି ଯେ ଅଧ ବାଲ୍ଟିଏ ପାଣିରେ ଗାଧୁଆ ଶେଷ କରିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଗଲାଣି ଏବଂ ବାହାର ଜାଗାରୁ ଆସି ବେଙ୍ଗାଲୁରୁରେ କାମ କରୁଥିବା ଲୋକଙ୍କୁ ନିଜ ଜାଗାକୁ ଫେରିଯାଇ ଘରୁ କାମ କରିବା ଲାଗି କୁହାଗଲାଣି । ପୁଣି ଏସିରୁ ବାହାରୁଥିବା ପାଣିକୁ ସଞ୍ଚୟ କରିବା ଲାଗି ମଧ କୁହାଗଲାଣି । ଅତୀତରେ ଆମ ଓଡିଶାରେ ଗୋଟିଏ ବର୍ଷ ଟିଟିଲାଗଡକୁ ଟ୍ରେନ ଯୋଗେ ପିଇବା ପାଣି ପଠାଯାଉଥିଲା । ସେହିପରି ଏକଦା ମାଡ୍ରାସରେ ଗାଧୋଇବାପାଇଁ ବାଲ୍‌ଟିଏ ପାଣି ତିନିଟଙ୍କାରୁ ପାଞ୍ଚଟଙ୍କାଯାଏ ଦେଇ କିଣିବାକୁ ପଡୁଥିଲା ।

ପୃଥିବୀର ସବୁ ଅଞ୍ଚଳରେ ସମାନ ଅନୁପାତରେ ପାନୀୟଜଳ ମିଳୁନଥିବାରୁ କେତେକ ସ୍ଥାନରେ ବର୍ଷ ତମାମ ଲୋକମାନେ ଜଳପାଇଁ ହନ୍ତସନ୍ତ ହେଉଥାଆନ୍ତି । ସମଗ୍ର ପୃଥିବୀରେ ପ୍ରାୟ୨୦୦କୋଟି ଲୋକ ଜଳାଭାବ ଯୋଗୁଁ ଦୂଷିତ ପାନୀୟ ଜଳ ବ୍ୟବହାର କରିବାକୁ ବାଧ ହୋଇଥାଆନ୍ତି ବୋଲି ୨୦୨୨ ମସିହାରେ ପ୍ରକାଶିତ ଜାତିସଂଘର ଏକ ରିପୋର୍ଟରୁ ଜଣାଯାଏ । ସେଥିମଧରୁ ପ୍ରାୟ ୧୭୦ କୋଟି ଲୋକଙ୍କର ଦୂଷିତ ପିଇବା ପାଣି ପାଇଁ ମୃତ୍ୟୁ ହୋଇଥାଏ । ସେହିପରି ଆମ ଦେଶରେ, ଆମ ରାଜ୍ୟରେ ମଧ କେତେକ ସ୍ଥାନରେ ପାଣି ଟୋପାକ ପାଇଁ ଲୋକମାନଙ୍କୁ ୨-୩ କିଲୋମିଟର ରାସ୍ତା ଚାଲିବାକୁ ପଡିଥାଏ ତ ଆଉ କେଉଁଠି ନଈ ନାଳର ଦୂଷିତ ପାଣି ପିଇବାକୁ ପଡିଥାଏ । ଏପରି ଦୂଷିତ ପାଣି ପିଇବା ଯୋଗୁଁ ଡାଇରିଆ, ଡିସେଣ୍ଟ୍ରି, ଟାଏଫଏଡ, ଜଣ୍ଡିସ ଭଳି ମାରାତ୍ମକ ରୋଗ ହୋଇଥାଏ । ଏହିସବୁ ରୋଗରେ ପଡି ଆମ ଦେଶରେ ବର୍ଷକୁ ପ୍ରାୟ ୧୦-୧୨ ହଜାର ଲୋକଙ୍କର ମୃତ୍ୟୁ ହେଉଛି । ଯାହାହେଉ ସ୍ୱାଧୀନତାର ୭୫ ବର୍ଷ ପରେ ଆମ ଦେଶରେ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାର ଯୋଜନା କରାଗଲାଣି । ତଥାପି ଗୋଟିଏ ହିସାବରୁ ଜଣାଯାଏ ଯେ ଆମ ଦେଶରେ ୧୪୦କୋଟି ଲୋକଙ୍କ ମଧରୁ ପ୍ରାୟ ୩୫ଲକ୍ଷ ଲୋକ ଏବେମଧ ଅପେକ୍ଷା କରୁଛନ୍ତି ବିଶୁଦ୍ଧ ପାନୀୟଜଳ ଲାଗି ।

ଅପରପକ୍ଷରେ ବିଶୁଦ୍ଧ ପାନୀୟଜଳର ଅପବ୍ୟବହାର ଆମ ଦେଶରେ ତଥା ଆମ ରାଜ୍ୟରେ କିଛି କମ୍‌ନୁହେଁ । ଅଧିକ ଆୟ କରୁଥିବା, ସହରରେ ରହୁଥିବା, ପାଠ ପଢିନଥିବା କିମ୍ବା ଶୁଆଙ୍କ ପରି ପାଠପଢି ପାଠକୁ ନିଜ ଜୀବନରେ ପ୍ରୟୋଗ କରୁ ନଥିବା ଏବଂ ଅନ୍ୟର ସୁବିଧା ଅସୁବିଧା ପ୍ରତି ଧାନ ଦେଉନଥିବା ବ୍ୟକ୍ତିଗଣ ବିଶୁଦ୍ଧ ଜଳର ଅପବ୍ୟବହାର ଅଧିକ କରୁଥିବାର ଦେଖାଯାଉଛି । ଆମ ଦେଶ ଏକ କୃଷିପ୍ରଧାନ ଦେଶ ଓ ଏହାର ଅର୍ଥନୀତି କୃଷିଭିତ୍ତିକ । ଅବଶ୍ୟ ସମୃଦ୍ଧ ଅର୍ଥନୀତି ପାଇଁ କଳକାରଖାନା, ଶିଳ୍ପ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡିବ । କିନ୍ତୁ କୃଷିପାଇଁ ମଧ ଆମ ଦେଶରେ ଆବଶ୍ୟକ ପରିମାଣର ଜଳ ମିଳୁନାହିଁ । ତେବେ କୃଷି ଓ ଶିଳ୍ପ କ୍ଷେତ୍ରରେ ଜଳ ବିନିଯୋଗରେ ରହୁଥିବା ପାର୍ଥକ୍ୟ ବୁଝିବା ଲାଗି କେତୋଟି ସାଧାରଣ ଉଦାହରଣ ଦିଆଯାଇ ପାରେ । ଏକ କିଲୋଗ୍ରାମଚାଉଳ ପାଇବା ଲାଗି ଧାନଜମି ପଚିଶ ଲିଟର ଜଳ ଆବଶ୍ୟକ କରିଥାଏ ବୋଲି ଗବେଷଣାରୁ ଜଣାଯାଇଛି । ଅବଶ୍ୟ ମାଟିର ଅବସ୍ଥା, ଜଳ, ପରିଚାଳନା ଓ ଜଳବାୟୁ ଅନୁସାରେ ଏହା କମ ବା ବେଶି ହୋଇପାରେ । ସେହିପରି ଗୋଟିଏ ସାଧାରଣ କାର ତିଆରି ପାଇଁ ପ୍ରାୟ ଦେଢଲକ୍ଷ ଲିଟର ଜଳ ଖର୍ଚ୍ଚ ହୋଇଥାଏ । କାର ଯେତେ ବଡ ଓ ସୌଖିନିଆ ହେବ, ସେତେ ଅଧିକ ପାଣି ନଷ୍ଟହେବ । ପ୍ରକୃତରେ ପ୍ରତ୍ୟେକ ଖାଉଟି ପଦାର୍ଥ, ତାହା ସାଦା ବିସ୍କୁଟ ହେଉ, କିମ୍ବା ଜୋତା କିମ୍ବା ଟି-ସାର୍ଟ ହେଉ, ସମସ୍ତ ଖାଉଟିଦ୍ରବ୍ୟ ଉତ୍ପାଦନ କରିବାରେ ବହୁତ ଜଳ ଲାଗିଥାଏ । ଏହାକୁ ଲୁଚିଥିବା ଜଳ କୁହାଯାଇପାରେ । ଆମେ ଇଲେକ୍ଟ୍ରିକ ଲାଇଟ ଜାଳୁଛେ, ମାତ୍ର ବିଦ୍ୟୁତ ଉତ୍ପାଦନରେ କେତେ ଜଳ ଖର୍ଚ୍ଚହେଉଛି କେବେ ଭାବୁଛେକି ? ଖଣ୍ଡେ ଟାଇପ୍ କରାଯାଉଥିବା କାଗଜ ତିଆରିରେ ପ୍ରାୟ ପାଞ୍ଚ ଲିଟର ପାଣି ଲାଗିଥାଏ । ଏହିସବୁ କଥାକୁ ବିଚାର କଲେ ଲାଗିବ ଯେ ପ୍ରକୃତରେ କାର କି ବାସନ ଧୋଇଲାବେଳେ ଯେପରି ବେପରୁଆ ଭାବେ ପାଣି ନଷ୍ଟ କରାଯାଏ ତାହା ଗୋ-ହତ୍ୟା କି ମାତୃହତ୍ୟା ଠାରୁ ମଧ ଅଧିକ ଜଘନ୍ୟ ଅପରାଧ ।

# ଅସ୍ପୃଶ୍ୟତା ଓ ଜାତି

## ମହାତ୍ମା ଗାନ୍ଧୀ



**ଶ**ରୀରରେ ଗୋଟାଏ କେଉଁଠି କୁତ୍ସିତ ହୋଇ କ'ଣ ବୃଦ୍ଧି ପାଉଛି ବୋଲି ଶରୀରକୁ ନଷ୍ଟ କରିଦେବା ଯେତିକି ଭୁଲ, କ୍ଷେତରେ ବାଲୁଙ୍ଗା ରହିଛି ବୋଲି କ୍ଷେତର ଫସଲକୁ ନଷ୍ଟ କରିଦେବା ମଧ ଯେପରି ଭୁଲ, ଅସ୍ପୃଶ୍ୟମାନେ ରହିଛନ୍ତି ବୋଲି ଜାତିପ୍ରଥାକୁ ନଷ୍ଟ କରିଦେବା ଠିକ୍ ସେତିକି ଭୁଲ ହେବ । ତେଣୁ, ଅସ୍ପୃଶ୍ୟତା କହିଲେ ଆମେ ଯେପରି ବୁଝୁଛୁ, ସେଇଟିକୁ ହିଁ ସମ୍ପୂର୍ଣ୍ଣଭାବରେ ନଷ୍ଟ କରିଦେବାକୁ ହେବ । ଏକ ଅତିରିକ୍ତତାକୁ ଦୂର କରିବାକୁ ପଡ଼ିବ, ତାହା ନ ହେଲେ ସମସ୍ତ ବ୍ୟବସ୍ଥାଟି ହିଁ ଭାଙ୍ଗି ପଡ଼ିବ । ତେଣୁ, ଜାତିପ୍ରଥାରୁ ଯେ ଅସ୍ପୃଶ୍ୟତାର ଉଦ୍‌ଭବ ହୋଇଛି, ସେକଥା ଠିକ୍ ନୁହେଁ ; ମାତ୍ର, ହିନ୍ଦୁ ଧର୍ମ ଭିତରକୁ ଯେଉଁ ଉଚ୍ଚ ଓ ନୀଚର ଭାବନା ଆସି ପଶି ଯାଇଛି ଓ ତାହାକୁ ଖାଇଯିବାରେ ଲାଗିଛି ଅସ୍ପୃଶ୍ୟତା ସେଇଥିରୁ ଆସିଛି । ତେଣୁ, ଅସ୍ପୃଶ୍ୟତା ଉପରେ ଆକ୍ରମଣ କରିବାର ଅର୍ଥ ହେଉଛି ଏହି 'ଉଚ୍ଚ ନୀଚ' ଭେଦ ଉପରେ ହିଁ ଆକ୍ରମଣ କରିବା । ଏହି ଅସ୍ପୃଶ୍ୟତା ଦୂର ହୋଇଗଲେ ଜାତିପ୍ରଥା ସ୍ୱୟଂ ଶୁଦ୍ଧ ହୋଇଯିବ । ଅର୍ଥାତ୍, ମୁଁ ଦେଖୁଥିବା ସ୍ୱପ୍ନଟି ଅନୁସାରେ ଏହା ଯଥାର୍ଥ ବର୍ଣ୍ଣ ଧର୍ମରେ ପରିଣତ ହେବ । ସମାଜର ଚାରି ବର୍ଣ୍ଣ ପରସ୍ପରର ଅନୁପୂରକ ହୋଇ ରହିବେ, କେହି କାହାରିଠାରୁ ଉପରେ କିମ୍ବା ତଳେ ନଥିବେ, ହିନ୍ଦୁ ଧର୍ମର ସମଗ୍ର ଶରୀରଟି ଲାଗି ପ୍ରତ୍ୟେକେ ଅନ୍ୟଟି ପରି ଆବଶ୍ୟକ ହୋଇ ରହିଥିବେ ।

ବର୍ଣ୍ଣାଶ୍ରମ ଧର୍ମ କହିଲେ ଏହି ପୃଥିବୀରେ ମନୁଷ୍ୟର ଜୀବନ କ୍ଷେତ୍ରଟିକୁ ବୁଝାଏ । ଦିନ ପରେ ଦିନ ସମ୍ପତ୍ତି ଠୁଳ କରିବାର ବିବିଧ ଫନ୍ଦା ବାହାର କରିବାକୁ ଏବଂ ଜୀବିକା ଅର୍ଜନ କରିବାର ଭିନ୍ନ ଭିନ୍ନ ପନ୍ଥା ଆବିଷ୍କାର କରିବାକୁ ପୃଥିବୀରେ ତା'ର ଜନ୍ମ ହୋଇନାହିଁ । ବରଂ ଅନ୍ୟ ପକ୍ଷରେ, ସେ ଯେପରି ନିଜ ପରମ ସୃଷ୍ଟିକର୍ତ୍ତାଙ୍କୁ ଜାଣିବାରେ ତା' ଶକ୍ତିର ପ୍ରତ୍ୟେକ ଅଣୁକୁ କାମରେ ଲଗାଇ ପାରିବ, ମନୁଷ୍ୟ ସେଇଥିଲାଗି ସଂସାରକୁ ଆସିଛି । ତେଣୁ, ଆପଣାର ଉଦର ଭରଣ କରିବା ନିମନ୍ତେ ତା'ଲାଗି ତା'ର ପୂର୍ବ ପୁରୁଷମାନଙ୍କ ଧନ୍ଦାଟିକୁ ନିର୍ଦ୍ଦିଷ୍ଟ କରି ଦିଆଯାଇଛି । ବର୍ଣ୍ଣାଶ୍ରମ ଧର୍ମ କହିଲେ କେବଳ ସେତିକି ବୁଝାଏ, ଏହାଠାରୁ ଅଧିକ କିମ୍ବା ଅଳ୍ପ ଆଦୌ କିଛି ବୁଝାଏ ନାହିଁ ।

ତେଣୁ ମୁଁ ବର୍ଣ୍ଣରେ ବିଶ୍ୱାସ କରେ, ଯାହାକି କୌଳିକ ଜୀବିକା ଉପରେ ଆଧାରିତ ହୋଇ ରହିଛି । ଚାରୋଟି ବିଶ୍ୱବ୍ୟାପୀ ଜୀବିକାକୁ ସୂଚାଇ ଦେବା ପାଇଁ ଚାରୋଟି ବର୍ଣ୍ଣର ନିରୂପଣ କରାଯାଇଛି—ଜ୍ଞାନ ପ୍ରଦାନ କରିବା, ଯେଉଁମାନେ ନିଜକୁ ରକ୍ଷା କରି ପାରିବେ ନାହିଁ, ସେମାନଙ୍କର ରକ୍ଷା କରିବା, କୃଷି ତଥା ବାଣିଜ୍ୟର କାର୍ଯ୍ୟ କରିବା ଏବଂ ଶରୀର ଶ୍ରମ ଦ୍ୱାରା ସେବା କାର୍ଯ୍ୟ କରିବା । ଏହି ସବୁ ଜୀବିକା ସାଧାରଣଭାବରେ ସମଗ୍ର ମନୁଷ୍ୟ ସମାଜରେ ରହିଛି, ମାତ୍ର ସେଗୁଡ଼ିକୁ ଆମ ଅସ୍ତିତ୍ୱର ବିଧାନ ବୋଲି ସ୍ୱୀକାର କରି ହିନ୍ଦୁ ଧର୍ମ ସାମାଜିକ ସମ୍ବନ୍ଧ ଏବଂ ଆଚରଣକୁ ଶୃଙ୍ଖଳିତ କରି ରଖିବାରେ ସେଗୁଡ଼ିକୁ କାମରେ ଲଗାଇଛି । ମାଧାକର୍ଷଣ ଶକ୍ତି ଅଛି ବୋଲି ଆମେ ଜାଣିଥାଉ ବା ନ ଜାଣିଥାଉ ପଛକେ, ସେହି ଶକ୍ତି ଆମ ସମସ୍ତଙ୍କ ଉପରେ ପ୍ରଭାବ ବିସ୍ତାର କରି ରହିଛି । ମାତ୍ର, ଯେଉଁ ବୈଜ୍ଞାନିକମାନେ ସେହି ବିଧାନଟିକୁ ଜାଣିପାରିଲେ, ସେମାନେ ତାହାର ପ୍ରୟୋଗ ଦ୍ୱାରା ଏପରି ଘଟଣାମାନ ସମ୍ଭବ କରାଇଲେ, ଯାହାକି ସମଗ୍ର ପୃଥିବୀକୁ ଚକିତ କରିଦେଇ ପାରିଲା । ଠିକ୍ ସେହିପରି ବର୍ଣ୍ଣର ବିଧାନଟିକୁ ଆବିଷ୍କାର କରି ଏବଂ ତାହାର ପ୍ରୟୋଗ କରି ଧର୍ମ ପୃଥିବୀକୁ ଚକିତ କରିଦେଇଛି । ଯେତେବେଳେ ହିନ୍ଦୁମାନେ ଜଡ଼ତାର କବଳରେ ଯାଇ ପଡ଼ିଗଲେ, ସେତେବେଳେ ବର୍ଣ୍ଣର ଅପବ୍ୟବହାର ହେଲା ଓ ସେଥିରୁ ଅଗଣିତ ଜାତିମାନଙ୍କର ସୃଷ୍ଟି ହେଲା ଜାତି ଜାତି ମଧରେ ବିବାହ ଓ ଏକତ୍ର-ଭୋଜନର କ୍ଷେତ୍ରରେ ଅନେକ ଅନାବଶ୍ୟକ ଓ ଅନିଷ୍ଟକାରୀ ନିଷେଧକୁ ଆଣି ପୂରାଇ ଦିଆଗଲା । ଏହିସବୁ ନିଷେଧ ସହିତ ବର୍ଣ୍ଣ ବ୍ୟବସ୍ଥାର କୌଣସି ସମ୍ବନ୍ଧ ନାହିଁ । ବିଭିନ୍ନ ଲୋକେ ଇଚ୍ଛା କଲେ ନିଜ ଭିତରେ ବିବାହ କରି ପାରିବେ ଓ ଏକତ୍ର ଭୋଜନ କରି ପାରିବେ । କେବଳ ଶୁଦ୍ଧତା ଓ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଏହିସବୁ ନିଷେଧ ଆବଶ୍ୟକ ହୋଇପାରେ । ମାତ୍ର, ଜଣେ ଶୂଦ୍ର ବାଳିକାକୁ ବିବାହ କରୁଥିବା ବ୍ରାହ୍ମଣ ଅଥବା ଜଣେ ବ୍ରାହ୍ମଣ ବାଳିକାକୁ ବିବାହ କରୁଥିବା ଜଣେ ଶୂଦ୍ର ବର୍ଣ୍ଣର ବିଧାନ ବିରୋଧରେ ଆଦୌ କୌଣସି ଅପରାଧ କରିବ ନାହିଁ ।

ଏବେ ବ୍ରାହ୍ମଣ ଓ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର, ଏମାନେ କେବଳ ଗୋଟିଏ ଗୋଟିଏ ମାର୍କା ହୋଇ ରହିଛନ୍ତି । ବର୍ଣ୍ଣ କହିଲେ ମୁଁ ଯାହା ବୁଝେ, ସେଥିରେ ବର୍ତ୍ତମାନ ଚରମ ବିଭ୍ରାନ୍ତି ପଶି ଗଲାଣି ଏବଂ ମୁଁ ଭାବୁଛି, ହିନ୍ଦୁମାନେ ସମସ୍ତେ ସ୍ୱେଚ୍ଛାପ୍ରବୃତ୍ତ ଭାବରେ ଆପଣାକୁ ଶୂଦ୍ର ବୋଲି କହିବା ଉଚିତ । ତାହା ହିଁ ବ୍ରାହ୍ମଣତ୍ୱର ସତ୍ୟଟିକୁ ପ୍ରତିପାଦିତ କରିବା ପାଇଁ ଏବଂ ଯଥାର୍ଥ ଭାବରେ ବର୍ଣ୍ଣଧର୍ମର ପୁନଃପ୍ରତିଷ୍ଠା ପାଇଁ ଏକମାତ୍ର ପନ୍ଥା ହେବ ।

ମୁଁ ବିଶ୍ୱାସ କରେ ଯେ ପ୍ରତ୍ୟେକ ମନୁଷ୍ୟ ଏହି ପୃଥିବୀରେ କେତେକ ସ୍ୱାଭାବିକ ପ୍ରବୃତ୍ତି ନେଇ ଜନ୍ମଗ୍ରହଣ କରିଥାଏ । ପ୍ରତ୍ୟେକ ମନୁଷ୍ୟ କେତେକ ନିର୍ଦ୍ଦିଷ୍ଟ ସୀମା ନେଇ ମଧ ଜନ୍ମଗ୍ରହଣ କରିଥାଏ ଯାହାକୁ ସେ ଅତିକ୍ରମ କରି ପାରେ ନାହିଁ । ଏହିସବୁ ସୀମା ଉପରେ ଅତ୍ୟନ୍ତ ସାବଧାନତା ସହିତ ଦୃଷ୍ଟି ରଖି ହିଁ ବର୍ଣ୍ଣର ବିଧାନ ବାହାରିଥିଲା ନିର୍ଦ୍ଦିଷ୍ଟ ପ୍ରବୃତ୍ତି ରହିଥିବା ନିର୍ଦ୍ଦିଷ୍ଟ ମନୁଷ୍ୟମାନଙ୍କ ନିମନ୍ତେ ତାହା ନିର୍ଦ୍ଦିଷ୍ଟ କର୍ମକ୍ଷେତ୍ରମାନ ପ୍ରତିଷ୍ଠିତ କରି ଦେଇଥିଲା । ଏହାଦ୍ୱାରା ଯାବତୀୟ ଅସ୍ୱାସ୍ଥ୍ୟକର ପ୍ରତିଯୋଗିତାକୁ ଏଡ଼ି ହେଉଥିଲା । ସୀମାଗୁଡ଼ିକୁ ସ୍ୱୀକାର କରୁଥିଲେ ମଧ ବର୍ଣ୍ଣ ଉଚ୍ଚ ଓ ନୀଚର କୌଣସି ଭେଦକୁ ସ୍ୱୀକାର କରୁ ନଥିଲା ବରଂ ଏକ ପକ୍ଷରେ, ଏହା ପ୍ରତ୍ୟେକ ମନୁଷ୍ୟକୁ ତା' ଶ୍ରମର ଫଳ ଭୁଞ୍ଜିବା ବିଷୟରେ ନିର୍ଭର ପ୍ରତିଶ୍ରୁତି ଦେଉଥିଲା ଏବଂ ଅପର ପକ୍ଷରେ ଏହା ତାକୁ ତା'ର ପ୍ରତିବେଶୀମାନଙ୍କ ଉପରେ ଚାପ ଦେବାରୁ ନିବୃତ୍ତ କରି ରଖୁଥିଲା । ଏହି ମହାନ୍ ବିଧାନଟିର ଅବନତି ଘଟିଛି ଓ ତାହା ବହୁ ବଦନାମ ଅର୍ଜନ କରିଛି । ମାତ୍ର, ମୋ'ର ଦୃଢ଼ ବିଶ୍ୱାସ ଯେ, ଯେତେବେଳେ ଏହି ବିଧାନର ନିହିତାର୍ଥଗୁଡ଼ିକୁ ସମ୍ପୂର୍ଣ୍ଣଭାବରେ ହୃଦୟଙ୍ଗମ କରାଯିବ ଏବଂ କାର୍ଯ୍ୟରେ ପରିଣତ କରାଯିବ, ସେତିକିବେଳେ ଯାଇ ଏକ ଆଦର୍ଶ ସମାଜ ବ୍ୟବସ୍ଥା ପରିବର୍ତ୍ତିତ ହୋଇ ଆସିପାରିବ ।

# ସାଧନାରେ ସର୍ବୋପରି...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ମହର୍ଷି ଆଗକୁ ଆହୁରି କହିଛନ୍ତି – 'ଏହା ମୋକ୍ଷ ପାଇଁ ବି ନୁହେଁ, ଯଦ୍ୟପି ଏହା ଦ୍ୱାରା ମୋକ୍ଷ ଅଥବା ମୁକ୍ତି ପ୍ରାପ୍ତ ହୋଇଥାଏ ଏବଂ ଅନ୍ୟ ସମସ୍ତ ଜିନିଷ ମଧ ମିଳିପାରେ, କିନ୍ତୁ ଏସବୁ ଜିନିଷ ଆମର ଉଦ୍ଦେଶ୍ୟ ହେବା ଅନୁଚିତ । ଏକମାତ୍ର ଭଗବାନ ହିଁ ଆମର ଲକ୍ଷ୍ୟ ସେଥିପାଇଁ ସର୍ବପ୍ରଥମେ ନିଜର ପୃଥକାତ୍ମକ ଅହଂକୁ ଭାଗବତ ଚେତନାରେ ନିମଜ୍ଜିତ କରି ସେଥିରେ ପ୍ରବେଶ କରିଯିବା– ଏହା ପୂର୍ଣ୍ଣଯୋଗର ସାଧକର ଲକ୍ଷ୍ୟ ହେବା ଉଚିତ, କିନ୍ତୁ ଏଥି ନିମନ୍ତେ ସାଧକ ମଧରେ ସ୍ୱାର୍ଥହୀନତା, ନିଷ୍କାମତା, ବିନମ୍ରତା, ଭକ୍ତି, ନିଶ୍ଚଳ ସହୃଦୟତା ଓ ସମର୍ପଣ ରହିବା ଆବଶ୍ୟକ ।


'ପ୍ରେମ ଓ ଉତ୍ସର୍ଗର ଉଚ୍ଚ ଭାବନାରେ ପ୍ରେରିତ ହୋଇ ପ୍ରଭୁଙ୍କ ଚରଣରେ ନିଜର ସର୍ବସ୍ୱ ସମର୍ପଣ କରିବାର ତୀବ୍ର ଆକାଂକ୍ଷା ଯେଉଁମାନଙ୍କର ରହିଛି, ସେମାନେ ଏଥିରେ ସାମାନ୍ୟ ମାତ୍ର ବିଳମ୍ବ କରିବା ଅନୁଚିତ । ମାନବ ଜୀବନ ଅତିଦୁର୍ଲଭ, ତେଣୁ ପ୍ରଭୁଙ୍କ ଚରଣରେ ସମ୍ପୂର୍ଣ୍ଣ ସମର୍ପଣ କରିବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ । ସମର୍ପିତ ଭାବରେ ଭଗବଦ୍ ଉପାସନା କରିବା ଦ୍ୱାରା ହିଁ ସାଧକର ଆତ୍ମା ଉପରେ ପରମାତ୍ମାଙ୍କ ପ୍ରକାଶ ପଡ଼ିଥାଏ ଏବଂ ସାଧକକୁ ନିଜ ସତ୍-ଚିତ୍-ଆନନ୍ଦ ସ୍ୱରୂପର ବୋଧ ହୋଇଥାଏ । ସେ ନରରୁ ନାରାୟଣ ଓ ଆତ୍ମାରୁ ପରମାତ୍ମା ଦିଗରେ ଅଗ୍ରସର ହେବାରେ ଲାଗେ ।

ଏସବୁରୁ ସ୍ପଷ୍ଟ ଯେ ସାଧନାରେ ସମର୍ପଣ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଏଣୁ ଆମେ ବି କାହିଁକି ପ୍ରଭୁଙ୍କ ଚରଣରେ ସମ୍ପୂର୍ଣ୍ଣ ସମର୍ପଣ କରିଦେଇ ନିର୍ଭୟ, ନିର୍ଭାର ଓ ନିର୍ଦ୍ଦ ହୋଇଯିବା ନାହିଁ । ଆମେ ବି କାହିଁକି ନିଜ ଜୀବନର ଡୋର ପ୍ରଭୁଙ୍କ ହାତରେ ସମର୍ପିଦେଇ ଅସୀମ ଆନନ୍ଦରେ ଉଡିବା ନାହିଁ । ଆମେ କାହିଁକି ଜୀବନ ରୂପୀ ନୌକାର ମଙ୍ଗ ପ୍ରଭୁଙ୍କ ହାତରେ ସମର୍ପିଦେଇ ସଂସାର ସାଗରରୁ ପାର ହେବା ନାହିଁ ।

# ସଂକ୍ରମଣରୁ ରକ୍ଷା କରେ ହଳଦୀ

**ଆମ** ରାଜ୍ୟରେ ଦୁଇ ପ୍ରକାର ହଳଦୀ ଦେଖାଯାଏ । ଦେଶୀ ବା ଓଡ଼ିଶୀ ହଳଦୀ । କିନ୍ତୁ ବୈଦ୍ୟଶାସ୍ତ୍ର ମତରେ ହଳଦୀ ୪ ପ୍ରକାର । ସାଧାରଣ ହଳଦୀ, କର୍ପୁର ହଳଦୀ, ବନ ହଳଦୀ ଓ ଦାରୁ ହଳଦୀ । ଭାରତୀୟ ବ୍ୟଞ୍ଜନରେ ହଳଦୀ ଅପରିହାର୍ଯ୍ୟ । ଏପରିକି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ମଧ ହଳଦୀର ଉପସ୍ଥିତି ନିହାତି ଜରୁରୀ । ହଳଦୀ ଯେ କେବଳ ସ୍ୱାଦ ବା ଶୁଭ ପାଇଁ ଗ୍ରହଣୀୟ ତା ନୁହେଁ । ଏହା ବିଭିନ୍ନ ପ୍ରକାର ସଂକ୍ରମଣରୁ ଶରୀରକୁ ରକ୍ଷା କରିଥାଏ । ହଳଦୀରେ ରୋଗ ପ୍ରତିରୋଧକ ଉପାଦାନ ରହିଛରି । ହଳଦୀରେ ଥିବା ତତ୍ତ୍ୱ କରକ୍ୟୁମିନ୍ କାରଣରୁ କ୍ୟାଥେଲି ସାଇଡିନ୍ ଆଣ୍ଟି ମାଇକ୍ରୋବାୟଲ ପେପ୍‌ଟାଇଡ୍ (ସିଏଏମ୍‌ପି) ନାମକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧି ପାଇଥାଏ । ଏହି ପ୍ରୋଟିନ୍ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ । ଫଳରେ ଶରୀର ଜୀବାଣୁ ଏବଂ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇପାରେ । ସାଧାରଣତଃ ଖାଦ୍ୟରେ କରକ୍ୟୁମିନ୍‌ର ମାତ୍ରା ଖୁବ୍ କମ୍ ଥିଲେ ମଧ ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ । ବିଶେଷ କରି ଏହି ତତ୍ତ୍ୱ । ଅନ୍ତନଳୀରେ ସଂକ୍ରମଣ ରୋକିଥାଏ ।

# ସ୍ୱର୍ବେଦ




**ପଞ୍ଚମ ଅଧ୍ୟାୟ**

**ପରମ ପୁରୁଷ କା ନାମ ନହିଁ,**
**ମନ କଳ୍ପିତ ସବ ନାମ ।**
**ସାରଶଦ୍ଧ ନିଃଶଦ୍ଧ ହୈ, ଅନୁଭଓ୍ୱ**
**ସୈନ ଅନାମ ।।୦୧।।**

ଭାଷ୍ୟ - ପରମ ପୁରୁଷଙ୍କର କୌଣସି ନାମ ନାହିଁ । ଯେଉଁ ବାଚକ ନାମ ଅଛି, ସେ ସମସ୍ତ ମନର କଳ୍ପନା ମାତ୍ର । ସାରଶଦ୍ଧ, ନାମ ନୁହେଁ, ତାହା ଅବାଚ୍ୟ, ନିଃଶଦ୍ଧ, ପରମ ପୁରୁଷ, ସଦ୍‌ଗୁରୁ ସଂକେତ ଭେଦ ରହସ୍ୟ ଦ୍ୱାରା ଅନୁଭବରେ ପ୍ରାପ୍ତ ହୋଇଥାଏ ।

**ଜ୍ଞାନ ଏକ ପୁସ୍ତକ ଚଲେ, ଚଲ**
**ରହସ୍ୟ ଗୁରୁ ଜ୍ଞାନ ।**
**ଗୂଢ଼ ତତ୍ତ୍ୱ ଗୁରୁ ଭେଦ ହୈ,**
**ବୋଧ ଶିଷ୍ୟ ଗୁରୁ ମାନ ।।୦୨।।**

ଭାଷ୍ୟ - ଜ୍ଞାନର ଧାରା ଦୁଇ ପ୍ରକାରେ ଚାଲିଥାଏ - ପ୍ରଥମଟି ପୁସ୍ତକୀୟ ଏବଂ ଦ୍ୱିତୀୟଟି ଗୁରୁମୁଖୀ । ଯାହା ଗୁରୁଭେଦ, ସାଧନ ଅନୁଭବ ଦ୍ୱାରା ଧାରା ଚାଲିଥାଏ, ତାହା ଗୁରୁମୁଖୀ ଅଟେ । ଆଧ୍ୟାତ୍ମିକ ଅନୁଭବ ଗୂଢ଼ ରହସ୍ୟର ବୋଧ ପୁସ୍ତକରୁ ହୋଇ ନ ଥାଏ । ବ୍ରହ୍ମନିଷ୍ଠ ସଦ୍‌ଗୁରୁଙ୍କର କୃପା ଦ୍ୱାରା ବ୍ରହ୍ମବିଦ୍ୟା ଅନୁଭବ ତତ୍ତ୍ୱର ବୋଧ ହୋଇଥାଏ, ସେଥିପାଇଁ ସଦ୍‌ଗୁରୁ ଦ୍ୱାରା ଅନୁରାଗୀ, ଅଧିକାରୀ ଶିଷ୍ୟ ଗୁରୁ ମର୍ଯ୍ୟାଦାର ପାଳନ କରି ବ୍ରହ୍ମବିଦ୍ୟାର ଅନୁଭବୀ ତତ୍ତ୍ୱଗୁଡ଼ିକର ବୋଧ ପ୍ରାପ୍ତ କରିଥାନ୍ତି ଏବଂ ଗୁରୁ ପ୍ରସାଦରୁ ଅନ୍ତର ପ୍ରବେଶ କରି ଅନୁଭବଗମ୍ୟ ପରମାନନ୍ଦର ଉପଭୋଗ କରିଥାନ୍ତି । ସଦ୍‌ଗୁରୁ ଦିବ୍ୟଲୋକନରୁ ହିଁ ପରମ ପ୍ରକାଶ ପ୍ରାପ୍ତିର ଭେଦ ରହସ୍ୟ ସ୍ପଷ୍ଟ ହୋଇଥାଏ ଓ ଆତ୍ମିକ ଶକ୍ତି ବିଶେଷ ପ୍ରଦେଶରେ ପହଞ୍ଚି ଉଚ୍ଚ ଧ୍ୟେୟକୁ ପ୍ରାପ୍ତ କରିଥାଏ । ସ୍ୱୟଂ ସାଧନ କରି ବ୍ରହ୍ମବିଦ୍ୟାର ଅନୁଭବୀ ତତ୍ତ୍ୱ ଗୁଡ଼ିକର ପ୍ରାପ୍ତି ହୋଇ ନ ଥାଏ । ସେଥି ନିମନ୍ତେ ବ୍ରହ୍ମନିଷ୍ଠ ସଦ୍‌ଗୁରୁଙ୍କର ଶରଣ ଓ ତାଙ୍କର ଦିବ୍ୟ ଦୃଷ୍ଟିର ଅତ୍ୟନ୍ତ ଆବଶ୍ୟକତା ରହିଛି । ଏହା ଯଥାର୍ଥ, ସ୍ୱୟଂ ଅନୁଭୂତିର ବିଷୟ ଅଟେ । ଏହା ବୁଦ୍ଧି ଦ୍ୱାରା ତର୍କ ଅଥବା ବିଚାର କରି ନିଶ୍ଚିତ କରିବାର ବସ୍ତୁ ନୁହେଁ ।

**ସାରଶଦ୍ଧ ନହିଁ ନାମ ହୈ, ୟହ**
**ତୋ ପୁରୁଷ ସ୍ୱରୂପ ।**
**ଅକଥ ଅଲୌକିକ ତତ୍ତ୍ୱ ହୈ,**
**କହନ ସୁନନ ଭ୍ରମ ରୂପ ।।୦୩।।**

ଭାଷ୍ୟ - ସାରଶଦ୍ଧ ପରମ ପୁରୁଷଙ୍କର ନାମ ନାହିଁ, ଏହା ତାଙ୍କର ସ୍ୱରୂପ ମାତ୍ର । ଏହା ଅପ୍ରାକୃତିକ, ଅକଥନୀୟ ତତ୍ତ୍ୱ ଅଟେ । ବାଣୀ ଦ୍ୱାରା କହିବା ଆଉ କାନ ଦ୍ୱାରା ଶୁଣିବା ଫଳରେ ଯେଉଁ ରୂପର ନିଶ୍ଚୟ ହୋଇଥାଏ, ତାହା ଭ୍ରମ ଏବଂ ଅଜ୍ଞାନତାର ରୂପ ଅଟେ । ଅବାଚ୍ୟ, ପ୍ରକୃତିପାର ଯେଉଁ ସତ୍ତାମାନଙ୍କର ନିରୂପଣ ଇନ୍ଦ୍ରିୟମାନଙ୍କ ଦ୍ୱାରା ହୋଇଥାଏ । ମାତ୍ର ସେ ସମସ୍ତ ପ୍ରକୃତି ଭ୍ରମଯୁକ୍ତ ସ୍ୱରୂପ ଅଟେ, ସତ୍ୟ ନୁହେଁ ।

**ଜଡ଼ ଚେତନ କା ସାର ହୈ,**
**ନାମ ରୂପ କା ସାର ।**
**କ୍ଷର ଅକ୍ଷର କା ସାର ହୈ, ସାର**
**ମେଁ ସାର ଓ୍ୱିଚାର ।।୦୪।।**

ଭାଷ୍ୟ - ସେହି ସାରଶଦ୍ଧ ସମସ୍ତ ଜଡ଼ ତଥା ଚେତନ ଚରାଚର ନାମରୂପ କ୍ଷର ଜଗତର ତଥା ଆଦି ଅକ୍ଷରର ଆଧାରଭୂତ ମୂଳତତ୍ତ୍ୱ ଅଟେ ।

**ନିଃତତ୍ତ୍ୱ ନିଃଶଦ୍ଧ ହୈ, ସକଲ**
**ଶଦ୍ଧ କା ସାର ।**
**ସାରଶଦ୍ଧ ୟାତେ କହେଁ,**
**ଅନୁଭଓ୍ୱ ଭେଦ ଅଧାର ।।୦୫।।**

ଭାଷ୍ୟ - ନିଃଶଦ୍ଧ ସାରଶଦ୍ଧ ନିଃତତ୍ତ୍ୱ ଅଟନ୍ତି ଅର୍ଥାତ୍ ସେହି ପ୍ରାକୃତିକ ନାମରୂପ ଶୂନ୍ୟ ଅନୁଭବଗମ୍ୟ ଏବଂ ଅବାଚ୍ୟ ଅଟନ୍ତି । ଅନୁଭବ ଭେଦ ରହସ୍ୟ ଦ୍ୱାରା ସେହି ସାରଶଦ୍ଧଙ୍କର ପ୍ରାପ୍ତି ହୁଏ ଓ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ହୋଇଥାଏ । ଅନୁଭବ ଭେଦ ଦ୍ୱାରା କ୍ଷର ଅକ୍ଷରପାର ଅନୁଭବ ହେବା ଫଳରେ ଏବଂ ସମସ୍ତଙ୍କ ସାର, ମୂଳାଧାର ହେବା ଫଳରେ ପରଂବ୍ରହ୍ମଙ୍କୁ ସାରଶଦ୍ଧ ବୋଲି କହନ୍ତି ।

**ସାରଶଦ୍ଧ କା ଜାପ ନହୀଁ, ଓ୍ୱାଣୀ**
**ଓ୍ୱିଷୟ ନ ହୋୟ ।**
**ୟହ ତୋ ଅଦ୍‌ଭୁତ ଖେଲ ହୈ,**
**ଦେଖ ଜ୍ଞାନ ଗମ ସୋୟ ।।୦୬।।**

ଭାଷ୍ୟ - ସାରଶଦ୍ଧଙ୍କୁ ଜପ କରି ହୁଏନାହିଁ, କାହିଁକି ନା ସେ ବାଣୀର ବିଷୟ ନୁହନ୍ତି । ଏହା ତ ଯୋଗର ଆଶ୍ଚର୍ଯ୍ୟମୟୀ କ୍ରୀଡ଼ା ଅଟେ, ଯାହା ଜ୍ଞାନ ଦ୍ୱାରା ଅନୁଭବରେ ଆତ୍ମାକୁ ପ୍ରତ୍ୟକ୍ଷ ହୋଇଥାଏ ।

**ଜ୍ଞାନ ଚକ୍ଷୁ ସେ ଦେଖିୟେ,**
**ସାରଶଦ୍ଧ କା ରୂପ ।**
**ଅନ୍ତର ମେଁ ଅନ୍ତର ଧସୋ,**
**ପାଓ୍ୱୋ ଶଦ୍ଧ ଅନୂପ ।।୦୭।।**

ଭାଷ୍ୟ - ଯୋଗ ବିଜ୍ଞାନର ଚେତନ ଦୃଷ୍ଟିରେ ଅନ୍ତରତମ ପ୍ରଦେଶକୁ ପ୍ରବେଶ କରି ଅନୁପମ ସାରଶଦ୍ଧଙ୍କର ସ୍ୱରୂପକୁ ଦେଖନ୍ତୁ ଆଉ ସେହି ଅନୁପମ ଶଦ୍ଧକୁ ପ୍ରାପ୍ତ କରନ୍ତୁ ।

**ସାରଶଦ୍ଧ ଚେତନ ଗର୍ଜୈ,**
**ସଚ୍ଚିଦାନନ୍ଦ ସ୍ୱରୂପ ।**
**ଜ୍ୟୋତିୟ ଶଦ୍ଧ ଅଧାର ମେଁ, ଶଦ୍ଧ**
**ପ୍ରକାଶ ସ୍ୱରୂପ ।।୦୮।।**

ଭାଷ୍ୟ - ସାରଶଦ୍ଧ ଚେତନ ସଚ୍ଚିଦାନନ୍ଦସ୍ୱରୂପ ପ୍ରକାଶିତ ଅଟନ୍ତି । ଜ୍ୟୋତି ଶଦ୍ଧର ଆଧାରରେ ହୋଇଥାଏ ମାତ୍ର ଏହି ସଚ୍ଚିଦାନନ୍ଦସ୍ୱରୂପ ସାରଶଦ୍ଧ ସ୍ୱୟଂ ଶଦ୍ଧ ପ୍ରକାଶସ୍ୱରୂପ ଅଟନ୍ତି ।

**ରହ ପ୍ରକାଶ କ୍ଷର ଶଦ୍ଧ ଭୀ, ଶଦ୍ଧ**
**ମେଁ ଶାଦ୍ଧିକ ଜ୍ଞାନ ।**
**ତବ ନିଃଅକ୍ଷର କୀ କଥା, ସବ**
**ଜ୍ଞାନୋଁ କା ଜ୍ଞାନ ।।୦୯।।**


ଭାଷ୍ୟ – କ୍ଷର ଶଦ୍ଧରେ ତାଙ୍କର ପ୍ରକାଶ ରହିଥାଏ ଅର୍ଥାତ୍ ଶଦ୍ଧରେ ତାଙ୍କର ତାତ୍ତ୍ୱିକ ଜ୍ଞାନ ରହିଥାଏ ଏବଂ ଶଦ୍ଧରେ ତାଙ୍କର ଭାବ ତଥା ଜ୍ଞାନର ପ୍ରକାଶ ରହିଥାଏ । ତେବେ ସମସ୍ତ ଜ୍ଞାନର ଆଧାର ସାରଶଦ୍ଧଙ୍କର କଥା ହିଁ ସ୍ୱୟଂ ସଚ୍ଚିଦାନନ୍ଦ ଶଦ୍ଧ ପ୍ରକାଶସ୍ୱରୂପ ଅଟେ ।

**ସହସ୍ର ଶଦ୍ଧ ମନ ମେଁ ରହେ,**
**କିସ ସ୍ୱର ମେଁ ଇନ ଜ୍ଞାନ ।**
**ସହସ କୋଶ ପରକାଶ ହୈ,**
**ୟୋଗୀ ଶଦ୍ଧ ମହାନ ।।୧୦।।**

ଭାଷ୍ୟ - ହଜାର ହଜାର ଶଦ୍ଧ ମନରେ ରହିଥାନ୍ତି ଓ ମହାନ୍ ଯୋଗୀ ହଜାର କୋସ ପର୍ଯ୍ୟନ୍ତ ନିଜର ଶଦ୍ଧକୁ ପ୍ରେରଣ କରିଥାନ୍ତି ଏବଂ ତାହାର ପ୍ରକାଶ ହୋଇଥାଏ । ସେ କେଉଁ ସ୍ୱରରେ ନିଜର ଶଦ୍ଧକୁ ପ୍ରେରଣ କରନ୍ତି, ଯାହାର ଜ୍ଞାନ ଅନ୍ୟମାନଙ୍କୁ ହୋଇଥାଏ ।


# ଉପକାରୀ ତରଭୁଜ

**ତ**ରଭୂଜ ଏମିତି ଏକ ଫଳ, ଯେଉଁଥିରେ ଲାଇକୋପିନ୍‌ର ମାତ୍ରା ପ୍ରଚୁର ଥିବା ଯୋଗୁଁ ତ୍ୱଚାରେ ଚମକ ଆଣିବାରେ ଏହା ବିଶେଷ ସହାୟକ ହୋଇଥାଏ । ସେହିପରି ଏଥିରେ ଭିଟାମିନ୍-ଏ ରହିଥିବାରୁ ଏହା ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ ଲାଭଦାୟକ ହୋଇଥାଏ । ଖରାଦିନେ ତରଭୁଜ ଜୁସ୍ ପିଇଲେ ପେଟ ସହ ମସ୍ତିଷ୍କ ମଧ ଥଣ୍ଡା



ରହିଥାଏ । ଯଦ୍ୱାରା କ୍ରୋଧ ନିୟନ୍ତ୍ରଣରେ ରହେ । ହୃତପିଣ୍ଡ ସମ୍ବନ୍ଧୀୟ ରୋଗରୁ ଉପଶମ ଦେବାରେ ମଧ ତରଭୁଜ ବହୁତ ଉପକାରୀ ହୋଇଥାଏ । ସେହିପରି ଏହାକୁ ନିୟମିତ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଶରୀରରେ ରକ୍ତର ପରିମାଣ ବୃଦ୍ଧି ହୋଇଥାଏ । ତରଭୁଜକୁ କେବଳ ଖାଇଲେ ହେବ ତାହା ନୁହେଁ, ଏହାକୁ ତ୍ୱଚାରେ ମସାଜ୍ କଲେ ବ୍ଲାକ୍‌ହେଡ୍ କମିବା ସହ ଚେହେରାରେ ଚମକ ଆସିଥାଏ । ଏହାର ମଞ୍ଜି ବି ଖୁବ ଲାଭଦାୟକ ହୋଇଥାଏ । ଏହାକୁ ବାଟି ତ୍ୱଚାରେ ଲଗାଇଲେ ଚମକ ବୃଦ୍ଧି ପାଇବା ସହ ମୁଣ୍ଡ ବିନ୍ଧା ସମସ୍ୟାରୁ ବି ମୁକ୍ତି ମିଳିଥାଏ । ସବୁଠୁ ବଡ଼ କଥା ହେଉଛି, ଶରୀରର ମୋଟାପଣ କମ୍ କରିବାରେ ତରଭୁଜକୁ ଏକ ପୌଷ୍ଟିକ ଫଳ ଭାବେ ସାଧାରଣରେ ବିବେଚନା କରାଯାଇଥାଏ ।

# ସ୍ୱାସ୍ଥ୍ୟ ପାଇଁ ଭଲ ବାଇଗଣ



**ବା**ଇଗଣ ଖାଇବା ପାଇଁ ଅଧିକାଂଶ ଲୋକ ପସନ୍ଦ କରି ନଥାନ୍ତି । କାରଣ ଏଥିରେ ଅନେକଙ୍କ ଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇଥାଏ । ବାଇଗଣରୁ ପ୍ରଚୁର ପରିମାଣରେ ତନ୍ତୁ ମିଳିଥାଏ । ବାଇଗଣ ଖାଇବା ଦ୍ୱାରା ଖାଦ୍ୟ ଭାରି ଭାରି ଲାଗିଥାଏ, ସେଥିପାଇଁ କମ୍ ଖାଦ୍ୟ ଖାଇଥାନ୍ତି । ଯାହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ । ଦାନ୍ତ ଦରଜ ହେଲେ ବାଇଗଣ ପେନକିଲର ପରି କାମ କରିଥାଏ । ଦାନ୍ତ ଦରଜ ହୋଇଥିଲେ ବାଇଗଣ ରସ ଲଗାଇବା ଦ୍ୱାରା ଦରଜରୁ ମୁକ୍ତି ମିଳିଥାଏ । ବାଇଗଣରୁ ଭିଟାମିନ୍ ସି' ମିଳିଥାଏ, ଏହା ପାର୍ଶ୍ୱପ୍ରତିକ୍ରିୟାରୁ ମୁକ୍ତି ଦିଏ । ଏହା ସହ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ ।

ବାଇଗଣ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲ ନିୟନ୍ତ୍ରଣ ହୁଏ । ବାଇଗଣରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଅଧିକ ପରିମାଣରେ ରହିଥିବାରୁ କୋଲେଷ୍ଟ୍ରୋଲ ସ୍ତର ବୃଦ୍ଧି ପାଇ ନ ଥାଏ ।

# ଯାହା ମର୍ମକୁ ଛୁଇଁଯାଏ, ତାହା ହିଁ ଶିଷ୍ଟାଚାର

**ଶି**ଷ୍ଟ ଆଚରଣ ଓ ସଦ୍ ବ୍ୟବହାର ଦ୍ୱାରା ଶିଷ୍ଟାଚାରର ନିର୍ମାଣ ହୋଇଥାଏ । ଯେତେବେଳେ ଆମେ ନିଜର ଭାବ ଏବଂ ବିଚାରରେ ପବିତ୍ର ଓ ଶ୍ରେଷ୍ଠ ହୋଇଥାଉ, ସେତେବେଳେ ଆମର ଆଚରଣ ସ୍ୱାଭାବିକ ରୂପେ ଶିଷ୍ଟାଚାରରେ ଓତପ୍ରୋତ ହୋଇଯାଏ । ଶିଷ୍ଟତା ମାନବ ଜୀବନର ସୌନ୍ଦର୍ଯ୍ୟ । ଗହନ ସ୍ୱାଧ୍ୟାୟ, ପରମ ଅନୁଶୀଳନ, କଠୋର ସାଧନା ଓ ବିଦ୍ୟାନୁରାଗ ସହିତ ଏହାର ଗଭୀର ସମ୍ବନ୍ଧ ରହିଛି । ବିପରୀତ ପରିସ୍ଥିତିରେ ନିଜର ଅସ୍ତିତ୍ୱକୁ ବଞ୍ଚାଇ ରଖିବା ଶିଷ୍ଟତା କାରଣରୁ ସମ୍ଭବ ହୋଇଥାଏ । ଶିଷ୍ଟତା ପ୍ରତିଭାର ଏକ ଅନ୍ତର୍ନିହିତ ନୈସର୍ଗିକ ତତ୍ତ୍ୱ । ଏହାକୁ ସଂରକ୍ଷିତ କରି ଭବିଷ୍ୟତ ପାଇଁ ପୋଷକ ବନାଇବା ବାରମ୍ବାର ଅଭ୍ୟାସ କରିବା ଦ୍ୱାରା ସମ୍ଭବ । ନିନ୍ଦା-ସ୍ତୁତିର ଚିନ୍ତା ନ କରି ଶିଷ୍ଟତା ନିଜ ଲକ୍ଷ୍ୟ ଦିଗରେ ବଢ଼ିଥାଏ । ମୂଲ୍ୟାଙ୍କନ କରିବା ପାଇଁ କଠୋର ତପର ସନ୍ଦର୍ଭ ମୂଲ୍ୟବାନ୍ ହୋଇଥାଏ । ଯିଏ ଯେତେ ଅଧିକ ଶ୍ରେଷ୍ଠ ହୋଇଥାଏ, ସେ ସେତିକି ଗଭୀରତାରେ ପାରଦର୍ଶିତାର ଅନୁଭୂତି କରିଥାଏ ।

କାହା ମନର ବାସ୍ତବିକ ଅଧ୍ୟୟନ କରିବା ପାଇଁ ଅନ୍ତର୍ମନର ଦୃଷ୍ଟି, ପରୋପକାରୀ ବୃତ୍ତି ଓ ସରଳତା ହିଁ ମୂଳ ଆଧାର ହୋଇଥାଏ । ନିର୍ମଳ ଦର୍ପଣରେ ହିଁ ପାରଦର୍ଶୀ ସ୍ୱରୂପ ଦେଖାଯାଏ । କବି ଭବଭୂତି ଲେଖୁଛନ୍ତି, ମୋର ରଚନାଗୁଡ଼ିକର ଉଦ୍ଦେଶ୍ୟ ବିଦ୍ୱାନ୍‌ମାନଙ୍କ ସୂଚୀରେ ସମ୍ମିଳିତ ହେବା ନୁହେଁ । ଲୋକେ ମୋତେ ଶ୍ରେଷ୍ଠ ବିଦ୍ୱାନ୍ କହନ୍ତୁ, ଏହା ଆବଶ୍ୟକ ନୁହେଁ । ମୋର ଅବଶ୍ୟ ବିଶ୍ୱାସ ଅଛି ଯେ ମୋ ପରି ଯେବେ ବି ଭବିଷ୍ୟତରେ ଯେକେହି ଜନ୍ମ ନେବ, ତ ସେ ଅବଶ୍ୟ ମୋର ସାହିତ୍ୟକୁ କିଛି ବୁଝିବାର ସାର୍ଥକ ପ୍ରୟାସ କରିବ । ପାଠକବର୍ଗଙ୍କ ଅନୁସାର ପରିଶ୍ରମର ପରିଣାମ ଇଚ୍ଛିତ ସମୟରେ ମିଳି ନ ଥାଏ । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଥାଏ । ମନୋବାଞ୍ଛ ସମୟରେ ବିଳମ୍ବ ହେଲେ ଇଚ୍ଛାଠାରୁ ବଡ଼ ଫଳର ସମ୍ଭାବନା ବଢ଼ିଥାଏ ।

ସେ ଆଗକୁ କହିଛନ୍ତି – ଫଳ ପ୍ରାପ୍ତି ପାଇଁ ପରମ ଧୈର୍ଯ୍ୟ ଧାରଣ କରିବାକୁ ଶିଷ୍ଟତାର ଶ୍ରେଣୀରେ ଗଣାଯାଏ । ସମ୍ୟକ୍ ନୀର-କ୍ଷୀର ବିବେକର ମୂଲ୍ୟାଙ୍କନ କରିବା ସେମାନେ ଜାଣିଥାନ୍ତି, ଯେଉଁମାନଙ୍କ ଦୃଷ୍ଟି ସତ୍ୟ, ନ୍ୟାସରେ ଯୁକ୍ତ ରହିଥାଏ ।

ଶିଷ୍ଟତା ବିନମ୍ରତାର ହିଁ ଏକ ରୂପ । ଏହା ଉତ୍ତମ ଜ୍ଞାନ ଏବଂ ବିଦ୍ୟା ପ୍ରଦାନ କରିଥାଏ । ଶିକ୍ଷା ଶିଷ୍ଟତା ପାଇଁ ସେତିକି ଉପାଦେୟ ନୁହେଁ । ଯେତେବେଳେ ବିଦ୍ୟାର ଶିଷ୍ଟତା ଜୀବନକୁ ଆଧାର କରି ନିଏ, ସେତେବେଳେ ଜୀବନ ବିକଶିତ ହେବାକୁ ଲାଗେ । ଅସାଧାରଣ ସ୍ମରଣଶକ୍ତି, ବୁଦ୍ଧିର କୁଶାଗ୍ରତା ହିଁ ଶିଷ୍ଟତାକୁ ସମୃଦ୍ଧ କରିଥାଏ । ପ୍ରେମ ଓ କରୁଣା ବିନା ଶିଷ୍ଟତାର ବିକାଶ ସମ୍ଭବ ନୁହେଁ । ଅସାଧାରଣ ବ୍ୟକ୍ତିତ୍ୱ ହୀରା ଭଳି ଚମକିଥାଏ । ଏହି ହୀରାରେ ଯେଉଁ ରଙ୍ଗର ରଶ୍ମି ପଡ଼ିଥାଏ, ତାକୁ ସେ ଶହେ ଗୁଣ ଅଧିକ ଗତିରେ ପ୍ରତିଭାସିତ କରିଥାଏ ।

ଭଲ ସହିତ ସମସ୍ତେ ଭଲରେ ରହି ଥାଆନ୍ତି, କିନ୍ତୁ ମନ୍ଦ ସାଥିରେ ଭଲ ହୋଇ ରହିଲେ ଇତିହାସ ହୋଇଯାଏ । ସହନଶୀଳତା ଦ୍ୱାରା ଜୀବନରେ ଅସାଧାରଣ ପରିବର୍ତ୍ତନ ହୋଇଥାଏ । ଶିଷ୍ଟାଚାର, ବିନମ୍ରତା ଏବଂ ଶାଳୀନତା ପୂର୍ଣ୍ଣ ଆଚରଣ ହିଁ ସେହି ଆଭୂଷଣ, ଯାହା ମନୁଷ୍ୟକୁ ଆଦର ଓ ସମ୍ମାନ ଦେଇଥାଏ । ଶିଷ୍ଟାଚାର ହିଁ ବ୍ୟବହାରର ମାଧମ । ଏହି ଆଧାରରେ ସଭ୍ୟତା ଏବଂ ସଂସ୍କୃତିର ଭବନ ନିର୍ମାଣ ହୋଇଥାଏ । ପରସ୍ପର ପ୍ରତି ସଦ୍‌ଭାବନା, ସହାନୁଭୂତି ଓ ସହଯୋଗ ଆଦି ରଖିବାରେ ଶିଷ୍ଟାଚାର ହିଁ ମୂଳ ଆଧାର । ଶିଷ୍ଟାଚାରର କ୍ଷେତ୍ର ଅତ୍ୟନ୍ତ ବ୍ୟାପକ । ଶିଷ୍ଟାଚାର ସମ୍ବନ୍ଧରେ ମଧୁରତା ଓ ସ୍ଥାୟିତ୍ୱ ପ୍ରଦାନ କରିଥାଏ । ବଡ଼ମାନଙ୍କୁ ଯଥୋଚିତ ସମ୍ମାନ ଏବଂ ସାନମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ପ୍ରେମ କରିବା ଉଚିତ । ଏହି ଶିଷ୍ଟାଚାର ସର୍ବଦା ପାଳନ କରିବା ଆବଶ୍ୟକ ।

## ଟିକିଏ ହସନ୍ତୁ

ପପୁ: ଡାକ୍ତର ବାବୁ, ଦୁଇ ବର୍ଷ ପୂର୍ବେ ମତେ ଜ୍ୱର ହେଇଥିଲା ।
ଡାକ୍ତର – ଏବେ କ'ଣ ହେଲା ?
ପପୁ- ସେତେବେଳେ ଆପଣ ଗାଧୋଇବାକୁ ମନା କରିଥିଲେ । ମୁଁ ଏଇ ବାଟ ଦେଇ ଯାଉଥିଲିତ ଭାବିଲି ପଚାରିଦେବି ଏବେ ଗାଧୋଇବି ନା ନାହିଁ ବୋଲି ।

× × × ×

ରାଜେଶ ଫ୍ରିଜ୍ ଖୋଲି ଦେଖିଲେ ଭିତରେ ସୁନାର ହାର ଅଛି । ସେ ଯାଇ ସ୍ତ୍ରୀ ପୂଜାକୁ ପଚାରିଲେ – ଫ୍ରିଜ ଭିତରେ ସୁନା ହାର କିଏ ରଖିଛି ?
ପୂଜା : ମୁଁ ।
ରାଜେଶ: ହେଲେ କାହିଁକି ? ଫ୍ରିଜ ଭିତରେ ଭଲା କିଏ ସୁନା ହାର ରଖେ ?
ପୂଜା: ତମେ ଭଲରେ ଦେଖୁନ ବୋଧେ ସୁନାହାର ସହ ଗୋଟେ ଶାଢି ବି ଫ୍ରିଜରେ ଅଛି ।
ରାଜେଶ: ଆରେ ହଁ ତ । ତମ ମୁଣ୍ଡରେ ଏ ଦୁର୍ବୁଦ୍ଧି କୋଉଠୁ ଆସିଲା ?
ପୂଜା: ତମ ମା' ହିଁ ମତେ କାଲି ଗୋଟେ ସୁନା ହାର ଓ ଶାଢି ଦେଇ କହିଲେ – ଏଇ ନେ ଦେଖେ ଏଇ ହାର ସହ ଶାଢି ଜମୁଛି ନା ନାହିଁ ?
ସେଥିପାଇଁ ମୁଁ ତାକୁ ଫ୍ରିଜ ଭିତରେ ଜମେଇବା ପାଇଁ ରଖିଛି ।



× × × ×

ଦିନେ ସ୍ତ୍ରୀ ସ୍ୱାମୀଙ୍କ ସହ ଛାତ ଉପରେ ବସି ତାରା ଦେଖୁଥାଆନ୍ତି ।
ସ୍ତ୍ରୀ-କହିଲ ଦେଖି ଏମିତି କେଉଁ ଜିନିଷ ଅଛି ଯାହାକୁ ତୁମେ ସବୁଦିନ ଦେଖୁଛ, ହେଲେ ତାକୁ କେବେ ଆଣିପାରିବନି ।
ସ୍ୱାମୀ – ପଡୋଶିନୀ ।

× × × × ×

ଶିକ୍ଷକ – ମୋନୁ, ତୁମେ ଆଜି କ'ଣ ହୋମଓ୍ୱାର୍କ କରିକି ଆସିନ ?
ମୋନୁ- ସାର, ମୁଁ ତ ହଷ୍ଟେଲରେ ରହୁଛି ।
ଶିକ୍ଷକ- ତ କ'ଣ ହେଲା ହଷ୍ଟେଲରେ ରହିଲେ କ'ଣ ହୋମଓ୍ୱାର୍କ କରିହେବନି ?
ମୋନୁ- ନା ସାର, ଘରେ ରହିଲେ ହୋମଓ୍ୱାର୍କ ଆଉ ହଷ୍ଟେଲରେ ରହିଲେ ହଷ୍ଟେଲ ଓ୍ୱର୍କ । ଆପଣ ହଷ୍ଟେଲ ଓ୍ୱାର୍କ ଦେଲେନି ମୋତେ !

# ରାଶିର ଉପକାରିତା

ରାଶି ଏକ ତୈଳବୀଜ ଜାତୀୟ ଫସଲ । ଆମର ପରମ୍ପରା ସହ ଆମର ଖାଦ୍ୟରେ ରାଶିର ଯଥେଷ୍ଟ ମହତ୍ତ୍ୱ ରହିଛି । ପ୍ରତ୍ୟେକ ଋତୁରେ ରାଶିକୁ ଖାଦ୍ୟ ଭାବେ ଗ୍ରହଣ କରାଯାଇ ପାରିବ । ତେବେ ଶୀତଋତୁରେ ରାଶି ଖାଇବା ଦ୍ୱାରା ଶରୀରକୁ ଯଥେଷ୍ଟ ଶକ୍ତି ମିଳିଥାଏ । ଥଣ୍ଡା ରୋଗରୁ ଆରୋଗ୍ୟ ପାଇଁ ଶରୀରରେ ରାଶି ତେଲ ମଧ ମାଲିସ୍ କରିପାରିବେ । ରାଶି ଏବଂ ମିଶ୍ରିର କାଢ଼ା ପ୍ରସ୍ତୁତ କରି କାଶ ହେଉଥିବା ରୋଗୀକୁ ପିଇବାକୁ ଦେଲେ କଫ ବାହାରି ଆସିଥାଏ । କାହାକୁ ବିଛାକାମୁଡି ଥିଲେ ରାଶି ଗଛର ପତ୍ରକୁ ବାଟି ଦଂଶନ ସ୍ଥାନରେ ପ୍ରଲେପ ଦେଲେ ବିଷ ହରଣ ହୋଇଥାଏ । ସେହିପରି ରାଶିରେ ପ୍ରସ୍ତୁତ ଲଡୁ ଖାଇବା ଦ୍ୱାରା ଶରୀରର ପୁଷ୍ଟି ସାଧନ ହୋଇଥାଏ । ରାଶି କେବଳ ବଳବର୍ଦ୍ଧକ ନୁହେଁ, ଏହା ମା'ଠାରେ କ୍ଷୀର ବୃଦ୍ଧି କରିଥାଏ ଏବଂ ବାତନାଶକର କାର୍ଯ୍ୟ ବି କରିଥାଏ । ପ୍ରୋଟିନ୍, କ୍ୟାଲସିୟମ୍, ବି କମ୍ପ୍ଲେକ୍ସ, କାର୍ବୋହାଇଡ୍ରେଟ୍ ଆଦି ରାଶିରେ ଅନେକ ପୋଷକତତ୍ତ୍ୱ ରହିଛି । ଭାରତରେ ମୁଖ୍ୟତଃ ଦୁଇପ୍ରକାର ରାଶି ଦେଖିବାକୁ ମିଳିଥାଏ- ଧଳାରାଶି ଏବଂ କଳାରାଶି ।

ସକାଳୁ ଖାଲି ପେଟରେ ରାଶିକୁ ଚୋବାଇ ଖାଇବା ଦ୍ୱାରା ଦାନ୍ତ ମଜଭୁତ ହୋଇଥାଏ ।

ତ୍ୱଚାର ସମସ୍ୟା ଦୂର କରିବା ପାଇଁ ପ୍ରତିଦିନ ଦେହରେ ରାଶି ତେଲ ଲଗାନ୍ତୁ । ଏହା ତ୍ୱଚାରେ ଚମକ ଆଣିଥାଏ । ରାଶିକୁ ବାଟି ସେଥିରେ ଲହୁଣି ମିଶାଇ ଲଗାଇଲେ ବ୍ରଣ ଭଲ ହୁଏ ।

କେଶକୁ ଘନ ଏବଂ ସୁନ୍ଦର ରଖିବା ପାଇଁ ରାଶିତେଲ ବ୍ୟବହାର କରନ୍ତୁ । ପ୍ରତିଦିନ ରାଶି ତେଲ କେଶରେ ମାଲିସ୍ କରିବା ଦ୍ୱାରା ଏହା ସୁସ୍ଥ ରହେ ଏବଂ ଝଡିବା ବନ୍ଦ ହୁଏ ।

କେତେକ ପିଲା ଶୋଇବା ବେଳେ ଶଯ୍ୟାରେ ପରିସ୍ରା କରିଦିଅନ୍ତି । ଏହି ପିଲାମାନଙ୍କୁ ପଚାଶ ଗ୍ରାମ ରାଶିତେଲରେ ୨୦୦ ଗ୍ରାମ୍ ଗୁଡ



ମିଶାଇ ସକାଳେ ଏବଂ ସନ୍ଧ୍ୟାରେ ପାଞ୍ଚରୁ ଦଶ ଗ୍ରାମ୍ ଯାଏଁ କିଛି ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଅନ୍ତୁ ।

ଶୁଖିଲା କାଶ ହେଉଥିଲେ ଗୋଟିଏ ଗ୍ଲାସ ପାଣିରେ ତିନିରୁ ଚାରି ଚାମଚ ରାଶି ଏବଂ ସେତିକି ପରିମାଣର ମିଶ୍ରି ପକାଇ ତାକୁ ନିଆଁରେ ଫୁଟାଇ ଦିଅନ୍ତୁ । ପାଣି ଫୁଟି ଅଧା ହୋଇଗଲେ ତାକୁ ଓହ୍ଲାଇ ପିଇବାକୁ ଦିଅନ୍ତୁ ।

ପେଟରେ ଯନ୍ତ୍ରଣା ହେଉଥିଲେ କଳାରାଶିକୁ ଅଳ୍ପ ଉଷୁମ ଥିବା ପାଣିରେ ପିଅନ୍ତୁ । ଏହା ପେଟକୁ ଆରାମ ଦେଇଥାଏ ।

ଅଣ୍ଟା ଏବଂ ପିଠିର ଯନ୍ତ୍ରଣାକୁ ଏହା ଆରାମ ଦେଇଥାଏ । କେହି ଯଦି ଏପରି ଯନ୍ତ୍ରଣା ଭୋଗୁଥାନ୍ତି ତେବେ ରାଶି ତେଲରେ ହେଙ୍ଗୁ ଏବଂ ଶୁଣ୍ଠି ମିଶାଇ ତାକୁ ଉଷୁମ କରି ଯନ୍ତ୍ରଣା ସ୍ଥାନରେ ମାଲିସ୍ କରନ୍ତୁ ।

ଅର୍ଶରେ ରକ୍ତ ପଡୁଥିଲେ ଦଶ ଗ୍ରାମ କଳାରାଶି ନେଇ ତାକୁ ପାଣିରେ ବାଟି ଏଥିରେ ଗୋଟେ ଚାମଚ ଲହୁଣୀ ମିଶାଇ ପ୍ରତିଦିନ ସକାଳେ ସନ୍ଧ୍ୟାରେ ଖାଆନ୍ତୁ । ଏଥିରେ ମିଶ୍ରି ମିଶାଇ ପାରନ୍ତି । ଆହୁରି ମଧ ପ୍ରତିଦିନ ସକାଳେ ଦୁଇଚାମଚ ଭିଜା ଯାଇଥିବା ରାଶି ଖାଇ ଗୋଟେ ଗ୍ଲାସ ଥଣ୍ଡା ପାଣି ପିଇବା ଦ୍ୱାରା ଅର୍ଶ ଆରୋଗ୍ୟ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ଗିଓଟ୍ଟୋ ପ୍ରଥମ ମହାକାଶଯାନ ଯେକି ପାଖରୁ ଏକ ଧୂମକେତୁକୁ ଦେଖିଥିଲା । ୫୯୬ କି.ମି ଦୂରରୁ ଗିଓଟ୍ଟୋ ହାଲି ଧୂମକେତୁକୁ ପର୍ଯ୍ୟବେକ୍ଷଣ କରିଥିଲା ।
- ୩୩ ହଜାର ବର୍ଷରେ ରୋଜ୍ ୨୪୮ ତାରକା ସୂର୍ଯ୍ୟର ନିକଟତମ ତାରକା ହେବ । ଏବେ ପ୍ରୋକ୍ସିମା ସେଣ୍ଟାଉରୀ ସୂର୍ଯ୍ୟର ନିକଟତମ ଅଛି ।
- ଆମେରିକାର ଡେଲୱାରେ ରାଜ୍ୟରେ ଦେଶର ଅଧା ସାଧାରଣ କମ୍ପାନୀ ରେଜିଷ୍ଟ୍ରୀଭୁକ୍ତ, ସେଠାରେ ଲୋକସଂଖ୍ୟାରୁ ଅଧିକ କମ୍ପାନୀ ରହିଛି ।
- ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ୧୯୬୯ ରେ ସ୍ଥାପିତ ହୋଇଥିଲା ।
- ଭାରତର ମିଡିଆ ଓ ମନୋରଞ୍ଜନ ଶିଳ୍ପ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ।
- ପୃଥିବୀରେ ପ୍ରାୟ ୩୫ କୋଟି ଲୋକ ବିରଳ ରୋଗରେ ଆକ୍ରାନ୍ତ ଓ ଏଯାଏଁ ବିଶ୍ୱରେ ପ୍ରାୟ ୭ ହଜାର ବିରଳ ରୋଗ ଚିହ୍ନଟ ହୋଇଛି ।
- ୟୁରୋପରେ ସବୁଠାରୁ ବଡ଼ ହ୍ରଦ ହେଲା ଲାଡୋଗା ହ୍ରଦ ।
- ବୁକର ଟି.ୱାଶିଂଟନ ପ୍ରଥମ ଆଫ୍ରିକୀୟ ଆମେରିକାନ ଯାହାଙ୍କ ଛବି ଆମେରିକାର ଏକ ଡାକଟିକେଟରେ ସ୍ଥାନ ପାଇଥିଲା ।
- ଆଲେକଜାଣ୍ଡାରଙ୍କୁ କଡ଼ା ପ୍ରତିରୋଧ କରିଥିବା ରାଜା ପୁରୁଙ୍କ ରାଜ୍ୟ ଝେଲମ ଓ ଚେନାବ ନଦୀ ମଧବର୍ତ୍ତୀ ଇଲାକାରେ ଥିଲା ।
- ସମ୍ରାଟ ଆକବରଙ୍କ ସମୟରେ ମୀରବକ୍ସି ସାମରିକ ବ୍ୟାପାର ବୁଝୁଥିଲେ ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କଲରା



ସାଧାରଣତଃ କଲରା ନାଁ ଶୁଣିଲେ ଲୋକେ ନାକ ଟେକିଥାନ୍ତି । ଏଥିରେ ପିତା ଅଂଶ ରହିଥିବାରୁ ଅନେକେ ଏହା ଖାଇବାକୁ ପସନ୍ଦ କରି ନ ଥାନ୍ତି । କିନ୍ତୁ କଲରାରେ ବହୁ ଭିଟାମିନ୍ ଭରି ରହିଥିବାରୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ପ୍ରତି ୧୦ ରୁ ୧୫ ଦିନ ମଧରେ ଦିନଟିଏ କଲରା ଖାଇବା ଉଚିତ୍ । ଅନ୍ୟ ପରିବା ଓ ଫଳ ଅପେକ୍ଷା କଲରାରେ ଅଧିକ ଔଷଧୀୟ ଗୁଣ ରହିଛି । କଲରାରେ କାର୍ବୋହାଇଡ୍ରେଟ୍, ଫସ୍ଫରସ୍, ପ୍ରୋଟିନ୍ ଓ କ୍ୟାଲସିୟମ୍ ଭରି ରହିଛି । କଲରା ଖାଇବା ଦ୍ୱାରା ରକ୍ତ ସଫା ହୋଇଥାଏ । ଲିଭର୍ ସହିତ ଜଡିତ କିଛି ରୋଗ ଥିଲେ କଲରା ଖାଇବା ଉଚିତ୍ । କଲରା ପାଚନରେ ସହାୟକ ହୋଇଥାଏ । କଲରା ଜୁସରେ ଲେମ୍ବୁ ମିଶାଇ ପିଇବା ଦ୍ୱାରା ଶରୀରର ଓଜନ କମ୍ ହୋଇଥାଏ । କଲରାରେ ଫସ୍ଫରସ୍ ରହିଥିବାରୁ ଶରୀରରେ କଫ ଜମିଥିଲେ କଲରା ଖାଇବା ଦ୍ୱାରା ସାମାନ୍ୟ ହାଲ୍କା ଲାଗିଥାଏ । ଝାଡା କିମ୍ବା ବାନ୍ତି ହେଉଥିଲେ କଲରା ଜୁସରେ କଳା ଲୁଣ ପକାଇ ଅଳ୍ପ ପିଇବା ଦ୍ୱାରା କିଛି ମାତ୍ରାରେ ଶରୀରକୁ ଉପଶମ ମିଳିଥାଏ । ମଧୁମେହ ରୋଗୀଙ୍କ ପାଇଁ କଲରା ବେଶ୍ ଲାଭଦାୟକ ।

# ପଣସ ମଞ୍ଜିର ଉପକାରିତା

ପଣସ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଫାଇବର ଓ ଭିଟାମିନ ବି' ଭଳି ପୁଷ୍ଟିକର ତତ୍ତ୍ୱ ଏଥିରେ ମିଳିଥାଏ । ଏହି ମଞ୍ଜିଗୁଡିକ ଥାୟାମିନ ଓ ରିବୋଫ୍ଲେଭିନରେ ଭରପୁର, ଯାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ପଣସ ମଞ୍ଜି ଆଖି, ତ୍ୱଚା ଓ କେଶ ଲାଗି ଖୁବ ଉପକାରୀ । ଏଥିରେ ବହୁ ପରିମାଣର ଜିଙ୍କ୍, ଆଇରନ, କ୍ୟାଲସିୟମ, କପର, ପଟାସିୟମ ଓ ମ୍ୟାଗ୍ନେସିୟମ ଆଦି ରହିଛି । ଯେଉଁମାନଙ୍କର ପେଟ ସମ୍ବନ୍ଧୀୟ ସମସ୍ୟା ରହିଛି, ସେମାନେ ଖାଦ୍ୟରେ ପଣସ ମଞ୍ଜି ଅନ୍ତର୍ଭୁକ୍ତ କରିବା ଜରୁରୀ । ଏହା ହଜମ କରିବାରେ ସାହାଯ୍ୟ କରିଥାଏ । ଏହି ମଞ୍ଜି ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ । ଏଥିରେ କ୍ୟାଲସିୟମ ଓ ମାଗ୍ନେସିୟମ ପ୍ରଚୁର ପରିମାଣରେ ରହିଥିବାରୁ ହାଡକୁ ମଜଭୁତ ରଖିବାରେ ସହାୟକ ହୁଏ ।

ବିଶେଷକରି ମହିଳାମାନଙ୍କଠାରେ ରକ୍ତହୀନତା ଦେଖାଯାଏ । ଏପରି ପରିସ୍ଥିତିରେ ପଣସ ବହୁତ ଉପକାରୀ ହୋଇପାରେ । ଏହି ମଞ୍ଜିରେ ପର୍ଯ୍ୟାପ୍ତ



ପରିମାଣର ଆଇରନ ଥାଏ, ଯାହା ଶରୀରକୁ ଆଇରନ ଯୋଗାଇଥାଏ ଏବଂ ରକ୍ତହୀନତାକୁ ରୋକିବାରେ ସାହାଯ୍ୟ କରିଥାଏ ।

ପଣସ ମଞ୍ଜି କାର୍ବୋହାଇଡ୍ରେଟର ମୁଖ୍ୟ ଉତ୍ସ । ଶରୀରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶକ୍ତିଶାଳୀ ରଖିବାରେ ସହାୟକ ହୁଏ ।


ଏହି ମଞ୍ଜିରେ ପ୍ରୋଟିନ୍ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ଭରପୂର ରହିଛି । ଏହା ଚାପ ସ୍ତରକୁ ହ୍ରାସ କରିଥାଏ । ଏହା ବ୍ୟତୀତ ଏହା ଚର୍ମ ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ ।

# କୋଲେଷ୍ଟ୍ରଲ ନିୟନ୍ତ୍ରଣ କରେ ଦହି

ଅନିୟମିତ ଦିନଚର୍ଯ୍ୟା ଓ ଅପମିଶ୍ରିତ ଖାଦ୍ୟ ଆଜିକାଲି ରୋଗର ମୁଖ୍ୟ କାରଣ ସାଜିଛି । ଏବେ ଲୋକଙ୍କ ମଧରେ ଘାତକ ସାଜିଛି ଉଚ୍ଚରକ୍ତଚାପ ସମସ୍ୟା । ଏହାର ମୁଖ୍ୟ କାରଣ ହେଉଛି କୋଲେଷ୍ଟ୍ରଲ । ଏହାକୁ ନିୟନ୍ତ୍ରଣ କରିବା ଲାଗି ଅନେକ ସୁଷମ ଖାଦ୍ୟ ରହିଥିଲେ ମଧ ଦହି ତନ୍ମଧ୍ୟରୁ ଉତ୍ତମ ।

ଦହି ଖାଆନ୍ତୁ: ହାଇ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖିବା ପାଇଁ ପ୍ରତିଦିନ ଖାଦ୍ୟରେ ଦହି ସାମିଲ କରିପାରିବେ । ଦହି କୋଲେଷ୍ଟ୍ରଲକୁ କମ୍ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏନଆଇଏଚ ରିପୋର୍ଟ ଅନୁସାରେ ଦହି ଖାଇବା ଦ୍ୱାରା ବ୍ୟାଡ୍ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରହିଥାଏ । ଦହିରେ ଭିଟାମିନ୍ ସି' ଟ୍ରାଇଗ୍ଲିସରାଇଡ୍ସ, ଫାଇବ୍ରିଲ, ଗ୍ଲୁକୋଜ ରହିଥାଏ ଯାହା ଇନସୁଲିନକୁ ନିୟନ୍ତ୍ରଣରେ ରଖେ ଓ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।

କିପରି ଖାଇବେ: ହାଇ କୋଲେଷ୍ଟ୍ରଲ ହୋଇଥିଲେ ଦହି ଖାଇବା ଉପାୟ ଟିକେ ଅଲଗା ରହିଥାଏ । ଯେତେବେଳେ ବି ଦହି ଖାଉଛନ୍ତି ସେଥିରେ ଅଳ୍ପ ଲୁଣ ମିଶାଇ ଖାଆନ୍ତୁ । ଅତି ବେଶିରେ



ଅଧ ଟାଟିଆ ଦହିରେ ଚଉଠ ଚାମଚ ଲୁଣ୍ ପକାଇ ପାରିବେ ।

ବହୁରୋଗ ଲାଗି ଉପକାରୀ: ଦହି ଶରୀର ପାଇଁ ଖୁବ୍ ଉପକାରୀ । ଏହା କୋଲେଷ୍ଟ୍ରଲ ସହିତ ଅନ୍ୟ ବହୁ ରୋଗରୁ ମୁକ୍ତି ଦେଇଥାଏ । ପାଚନ କ୍ରିୟାକୁ ଠିକ୍ ରଖିବାର ଗୁଣ ଏଥିରେ ରହିଛି । ପେଟ ସମସ୍ୟା ଦୂର କରେ, ଖରାଦିନେ ଲୁ'ରୁ ରକ୍ଷାକରେ । ମୋଟାପଣ ହ୍ରାସ କରିବା ସହିତ ଏଥରେ ମଧ ରହିଛି ମନକୁ ଖୁସି ରଖିବାର ତତ୍ତ୍ୱ ।

## କହିପାରିବେ କି ?

(୧) ଜଗନ୍ନାଥ ମହାପ୍ରଭୁଙ୍କ ଘୋଷ ଯାତ୍ରା କେତେଦିନ ପାଳନ କରାଯାଏ ?
(୨) ରଥଯାତ୍ରା ପାଇଁ ନୂଆ ରଥ ଗଢ଼ାକାର୍ଯ୍ୟ କେବେ ଠାରୁ ଆରମ୍ଭ ହୁଏ ?
(୩) ରଥଯାତ୍ରା ପୂର୍ବରୁ ଶ୍ରୀ ଜୀଉଙ୍କ କେଉଁ ଯାତ୍ରା ହୁଏ ?
(୪) ସ୍ନାନପୂର୍ଣ୍ଣିମା ପରେ ଶ୍ରୀଜୀଉମାନେ କେତେ ଦିନ ଅଣସର ଘରେ ରହନ୍ତି ?
(୫) ରଥଯାତ୍ରା ଦିନ ରଥ ଉପରକୁ କିଏ ପ୍ରଥମେ ଧାଡ଼ି ପହଣ୍ଡିରେ ଆସନ୍ତି ?
(୬) ରଥଯାତ୍ରା ଦିନ ସବୁଠାରୁ ଶେଷରେ ରଥ ଉପରକୁ କେଉଁ ଠାକୁର ପହଣ୍ଡି ବିଜେ କରନ୍ତି ?
(୭) ଠାକୁର ରଥାରୂଢ଼ ହେବା ପରେ କିଏ ଛେରା ପହଁରା କରନ୍ତି ?
(୮) ତିନି ରଥରେ ତିନି ଠାକୁର କେଉଁଠିକୁ ଯାଆନ୍ତି ?
(୯) ବାହୁଡ଼ା ସମୟରେ ରଥ ମାଉସୀ ମାଁ ମନ୍ଦିର ନିକଟରେ ଅଟକିବା ବେଳେ କେଉଁ ଭୋଗ ଲଗାଯାଏ ?
(୧୦) ନିଳାଦ୍ରୀ ବିଜେ ସମୟରେ ଶ୍ରୀ ଜଗନ୍ନାଥ ଲକ୍ଷ୍ମୀଙ୍କୁ କ'ଣ ଦେଇ ମାନଭଞ୍ଜନ କରିଥାନ୍ତି ?

### JUMBLE WORDS

| | | | |
|---|---|---|---|
| 1) FLYIL | = | 6) REYWA | = |
| 2) SVIAT | = | 7) EFCEOF | = |
| 3) SUWEIN | = | 8) RMIYLF | = |
| 4) RFETRE | = | 9) TOQAU | = |
| 5) TUMHO | = | 10) POGUR | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଲୁଜନ, ୨.ଲିରା, ୩.ଭେନେଜୁଆଲା, ୪.ପୋଟୋମାକ୍, ୫.ବେଲଜିୟମ୍, ୬.ଶିଣ୍ଟୋ, ୭.ବେଲଜିୟମ୍, ୮.ଥାଇଲାଣ୍ଡ, ୯.ଇଣ୍ଡୋନେସିଆ, ୧୦.ରାଜସ୍ଥାନ ।

***Jumble Words* ର ଉତ୍ତର :-**

(1) ADJUST (2) POUNCE (3) SOAPY (4) MESSY (5) SWIVEL (6) GERBIL (7) GAVEL (8) CREEK (9) GRITTY (10) AZALEA

## ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଜୟନ୍ତୀ

ବଲାଙ୍ଗୀର: ସ୍ଥାନୀୟ ରାଜେନ୍ଦ୍ର ପାର୍କ ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୨ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମୃତି କମିଟି ତରଫରୁ ଆୟୋଜିତ ସମାରୋହରେ ଅତିଥି ଭାବରେ ପୁତ୍ର ଅନଙ୍ଗ ଉଦୟ ସିଂହଦେଓ, ନାତି କଳିକେଶ ନାରାୟଣ ସିଂହଦେଓ, ନାତୁଣୀବୋହୂ ମେଘନା ସିଂହ ସିଂହଦେଓ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ପୌର ପରିଷଦ ଅଧକ୍ଷା ଲିକା ସାହୁ, ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ପ୍ରମୁଖ ଯୋଗ ଦେଇଥିଲେ । ସ୍ମୃତି କମିଟିର ଅଧକ୍ଷ ଶରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ସଂପାଦକ ରାଜେନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସନ୍ଦୀପ କୁମାର କୁଅଁରଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିସଭା ପୂର୍ବରୁ ଅତିଥିମାନେ ପାର୍କ ପରିସରରେ ଥିବା ମହାରାଜାଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ରସରାଜ ଅଚ୍ୟୁତ ପୁରୋହିତ, ଶିଳ୍ପଦ୍ୟୋଗୀ ଶୋଭନା ଗିରି, ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁ, ଚଳଚ୍ଚିତ୍ର ପୁରସ୍କାର ବିଜେତା ଚୈତନ୍ୟ ମଟାରୀ, ଡାକ୍ତର ମନୋଜ ଅଗ୍ରୱାଲ ଜାତୀୟ ସନ୍ତରଣ ପଦକ ବିଜେତା ଦ୍ୱାରର କଠୋର, ସାମ୍ବାଦିକ ତରୁଣ କୁମାର ସାହୁ, ଯୁବ ନାଟ୍ୟକାର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତି, ସାମ୍ବାଦିକା ସସ୍ମିତା ସାହୁ, କଣ୍ଠଶିଳ୍ପୀ ସ୍ୱରୂପା ସିଂ, ସାମ୍ବାଦିକ ଅଞ୍ଜନ ପ୍ରଧାନ, ଅମର ସିଂହଦେଓ ନୀଳାଞ୍ଚଳ ନନ୍ଦଙ୍କ ସମେତ ବହୁ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା ।

## ସୁନ୍ଦରଗଡ଼ରେ ଓଡ଼ିଶା ଦିବସ ପାଳିତ

ସୁନ୍ଦରଗଡ: ସୁନ୍ଦରଗଡ଼ ସଦର ମହକୁମାଠାରେ ଜିଲା ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ ସମୟରେ ଡାକବାଜି ଯନ୍ତ୍ର ମାଧମରେ ସୁନ୍ଦରଗଡ଼ ସହର ମଧରେ ଦେଶାତ୍ମକବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ସହର ମଧରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ଜିଲାପାଳ ପରାଗ ଗଭାଲି, ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଦୁଃଖିବନ୍ଧୁ ନାୟକ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗ ଦେଇ ଓଡ଼ିଶା ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅତୁଳନୀୟ ଅବଦାନ ଥିବା ସେହି ମହାପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମରେ ବକ୍ତା ଭାବେ ଯୋଗଦେଇ ସରକାରୀ ମହାବିଦ୍ୟାଳୟର ସହାୟକ ପ୍ରାଧାପକ ନୂତନ ଖମାରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଉପରେ ବୀର ମାଟିର ସେହି ମହାନ ବରପୁତ୍ରଙ୍କ ଅବିରତ ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ତୁଡ଼ାଲଗା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସ୍ଥାନୀୟ ବିଭାପା ଓ ଲକ୍ଷ୍ୟ ଏକାଡେମୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଡକ୍ଟର ଅନନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଲକ୍ଷ୍ମୀ ପାଣିଗ୍ରାହୀଙ୍କ ମାତୃ ବିୟୋଗ

ସମ୍ବଲପୁର: ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତ ବାଉଁସେନମୁରା ଗାଁର ଅବସରପ୍ରାପ୍ତ ପ୍ରଫେସର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ମା' ତେଜସ୍ୱନୀ ପାଣିଗ୍ରାହୀ (୮୪)ଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କ ସ୍ୱାମୀ ରାଜାରାମ ପାଣିଗ୍ରାହୀଙ୍କ ସମେତ ପୁଅ ଲକ୍ଷ୍ମୀନାରାୟଣ, ବୋହୂ, ଝିଅ ବୈଦେହୀ, ଜ୍ୱାଇଁ ଅଶୋକ ପୁଝାରୀ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ଶ୍ରୀମତୀ ପାଣିଗ୍ରାହୀ ଦୀର୍ଘ ବର୍ଷ ଧରି କିଡ଼ନୀ ରୋଗରେ ଆକ୍ରାନ୍ତ ଥିଲେ । ଗାଁ ମଶାଣିରେ ତାଙ୍କ ଶବ ଦାହ କରାଯାଇଥିଲା । ପୁତ୍ର ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ କୁଳସଚିବ ତଥା ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ ।



## ସମ୍ବଲପୁରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

ସମ୍ବଲପୁର: ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି ମୁଖ୍ୟବକ୍ତା ଏବଂ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଓ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଚାରୁ କୁମାର ବଳ ସମ୍ମାନିତଅତିଥି ଭାବେ ଯୋଗଦେଇଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସଂଗ୍ରାମ କରିଥିବା ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ଜଳନ ସହିତ ସେମାନଙ୍କ ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଶିଶୁମନ୍ଦିରର ଛାତ୍ରଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡେପୁଟି କଲେକ୍ଟର ରସ୍ମୀ ଭୋଇ ଧନ୍ୟବାଦ ଦେଇଥିଲେ । ବିରୁପାକ୍ଷ ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସକାଳେ ସମ୍ବଲପୁର ମହାନଗର ଅଞ୍ଚଳରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।



## ଜ୍ୟୋତିରଞ୍ଜନ ପଣ୍ଡାଙ୍କ ପରଲୋକ

ସମ୍ବଲପୁର: ବିଶିଷ୍ଟ ପ୍ରାଣୀ ଚିକିତ୍ସିକ ଡାକ୍ତର ଜ୍ୟୋତିରଞ୍ଜନ ପଣ୍ଡାଙ୍କ ୭୯ ବର୍ଷରେ ପରଲୋକ ହୋଇଯାଇଛି । ସେ ତାଙ୍କ ପଛରେ ପତ୍ନୀ ମନୋରମା, ପୁତ୍ର ଦୁର୍ଗା ପଣ୍ଡା, କନ୍ୟା ମମତା, ବୋହୂ ସରିତା, ନାତୁଣୀ ଅନ୍ୱେଷାକୁ ଛାଡ଼ିଯାଇଛନ୍ତି । ବାରିପଦାରୁ ଆସି ସମ୍ବଲପୁରରେ ୨୦୦୪ମସିହାରୁ ପ୍ରାଣୀଧନ ବିଭାଗରେ ଯୁଗ୍ମନିର୍ଦ୍ଦେଶକ ଭାବେ ସେ ଯୋଗ ଦେଇଥିଲେ । ସହରର ସାମାଜିକ, ବିକାଶମୂଳକ କାର୍ଯ୍ୟରେ ଲିପ୍ତ ରହିଥିଲେ । ବୃକ୍ଷରୋପଣ ଓ ସ୍ଥାନୀୟ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ନିଜକୁ ସକ୍ରିୟ ରଖୁଥିଲେ । ସ୍ଥାନୀୟ ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ପୁତ୍ର କବି ଦୁର୍ଗାପ୍ରସାଦ ପଣ୍ଡା ମୁଖାଗ୍ନି ଦେଇଥିଲେ ।



## ସମ୍ବଲପୁରରେ ପୁଲିସ୍‌ର ୮୯ ତମ ପ୍ରତିଷ୍ଠା ଦିବସ ପାଳିତ

ସମ୍ବଲପୁର : ସମ୍ବଲପୁର ପୁଲିସ ପକ୍ଷରୁ ରିଜର୍ଭ ପୁଲିସ ଲାଇନ୍ ପଡ଼ିଆ ଠାରେ ଓଡ଼ିଶା ପୁଲିସର ୮୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍ତରାଞ୍ଚଳ ପୁଲିସ ରେଞ୍ଜ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପେରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ବଲପୁର ଏସ୍‌ପି ମୁକେଶ ଭାମୁଙ୍କ ସହ ଏସ୍‌ଏମସି କମିଶନର୍ ବେଦଭୂଷଣ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୭ ଜଣ ପୁଲିସ କର୍ମଚାରୀ ସବ୍ ଇନ୍ସପେକ୍ଟର ସଞ୍ଜୟ ସାହୁ ଓ ସଞ୍ଜୟ ରାଉତରାୟ(ଆଇଓସିଡବ୍ଲୁ), ଗଡ଼ପୋଷ ଫାଣ୍ଡିଅଧିକାରୀ ଏଏସଆଇ ଅମୂଲ୍ୟ ଗଡ଼ନାୟକ, କନଷ୍ଟେବଲ ତୁଷାର ସାହୁ, ପ୍ରେମାନନ୍ଦ କଣ୍ଟ ଓ ବିଜୟ ପ୍ରଧାନ ଏବଂ ହାବିଲଦାର ଅଶ୍ୱିନୀ ଗଡ଼ତିଆଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।



## ସମ୍ବଲପୁର ଓକିଲ ସଂଘ ନିର୍ବାଚନ

ସମ୍ବଲପୁର : ନିକଟରେ ଅନୁଷ୍ଠିତ ଜିଲ୍ଲା ଓକିଲ ସଂଘର ନିର୍ବାଚନରେ ସିଦ୍ଧାର୍ଥ ଶେଖର ସାହୁ ଉପସଭାପତି, ହିମାଂଶୁ ଶେଖର ପାଣିଗ୍ରାହୀ ଯୁଗ୍ମ ସଂପାଦକ ଓ ଅନୁପ କୁମାର ପଟ୍ଟନାୟକ ସହ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଆଶୁତୋଷ ପାତ୍ର, ଭଗତ ସିଂ, ଶ୍ୟାମସୁନ୍ଦର ଗଡ଼ତିଆ, ମଧୁସୂଦନ ମିତ୍ର ଓ ଦିଲୀପ କୁମାର ସାହୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ସତ୍ୟ ନାରାୟଣ ପଣ୍ଡା(ବାବୁଲି) ନିର୍ଦ୍ଦ୍ୱନ୍ଦରେ ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ସଂପାଦକ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ସୁରଜ କୁମାର ବିଶ୍ୱାଲଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇ ଯାଇଥିବାରୁ ଏହି ପଦବୀ ପାଇଁ ନିର୍ବାଚନ ହୋଇ ନ ଥିଲା । ଆସନ୍ତା ୧୫ ତାରିଖ ଦିନ ଏହି ପଦବୀ ପାଇଁ ନିର୍ବାଚନ ହେବ ବୋଲି ଓକିଲ ସଂଘ ସୂତ୍ରରୁ ଜଣାପଡିଛି ।

## ବଂଶୀଧର ପାଇବେ 'ସେବାରତ୍ନ ସମ୍ମାନ'

ସମ୍ବଲପୁର : ଧନକଉଡା ବ୍ଲକ ଅନ୍ତର୍ଗତ ଶାସନ ଭାଲୁବାହାଲ ଏକାମ୍ର ବିହାର ନିବାସୀ କଳାରତ୍ନ ବଂଶୀଧର କର 'ସେବାରତ୍ନ ସମ୍ମାନ' ପାଇବା ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ୧୪ ତାରିଖ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ କଟକ ସ୍ଥିତ ଗାନ୍ଧୀ ଭବନରେ ଅଭିପ୍ସା ଅନୁଷ୍ଠାନର ୨୭ତମ ବାର୍ଷିକୋତ୍ସବରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ କରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅଭିପ୍ସାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ନାୟକ ସୂଚନା ଦେଇଛନ୍ତି । ଶ୍ରୀ କର ଦୀର୍ଘବର୍ଷ ଧରି ଭାଷା, ସଂସ୍କୃତି, ସମାଜ ସେବା, ପ୍ରକୃତି ଓ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ।



## ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ନୂତନ କର୍ମକର୍ତ୍ତା

ଝାରସୁଗୁଡା: ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ଭାବେ ରାଧାକାନ୍ତ ସା ଓ ସାଧାରଣ ସମ୍ପାଦକ ଭାବେ ମନୀଷ ବାଜପେୟୀ ନିର୍ବାଚିତ ହୋଇଛନ୍ତି । ସେହିଭଳି ଶୈଳେଶ କିଙ୍ଗ୍ ଶୁଭନିଲ୍ ଉପସଭାପତି, ମନୀଷ ବାଜପେୟୀ ସାଧାରଣ ସମ୍ପାଦକ, ପବିତ୍ର ବିଶି ଯୁଗ୍ମ ସମ୍ପାଦକ ଓ ରାମହରି ପୂଜାରୀ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ବ୍ରହ୍ମକୁମାରୀଜ୍ ପକ୍ଷରୁ ତିନିଦିନିଆ ଆଧ୍ୟାତ୍ମିକ ସମାରୋହ




ସମ୍ବଲପୁର: ଶାସନସ୍ଥିତ ପାବନ ସରୋବର ଠାରେ ଆଧାତ୍ମିକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଅତିରିକ୍ତ ମୁଖ୍ୟ ପ୍ରଶାସିକା ତଥା ୟୁରୋପୀୟ ଦେଶ ସମୂହର ନିର୍ଦ୍ଦେଶିକା ରାଜଯୋଗିନୀ ଜୟନ୍ତୀ ଦିଦି ମୁଖ୍ୟଅତିଥି ଏବଂ ସଂସ୍ଥାର ନିର୍ବାହୀ ସମ୍ପାଦକ ଏବଂ ଶିକ୍ଷା ପ୍ରଭାଗର ଅଧ୍ୟକ୍ଷ ରାଜଯୋଗୀ ଡକ୍ଟର ମୃତ୍ୟୁଞ୍ଜୟ ମୁଖ୍ୟବକ୍ତା ତଥା ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭାସ୍କର ରାଓ, ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଶିବ ପ୍ରସାଦ ସାହୁ, ନିର୍ଦ୍ଦେଶିକା ରାଉରକେଲା ବ୍ରହ୍ମାକୁମାରୀ ବିମଳା ଦିଦି, ମାଉଣ୍ଟଆବୁର ବ୍ରହ୍ମାକୁମାରୀ ହଂସା ଦିଦି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଉପକ୍ଷେତ୍ର ନିର୍ଦ୍ଦେଶିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦିଙ୍କ ତତ୍ତ୍ୱାବଧାନରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା ।

ପ୍ରଥମ ଦିନ ତୃପ୍ତି ଭବନର ଉଦ୍‌ଘାଟନ ଓ ଶିବ ସମର୍ପିତ ହେବାକୁ ଥିବା କନ୍ୟାଙ୍କ ମାତାପିତାଙ୍କ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମା କୁମାରୀ ଦୀପା ଭଉଣୀ ମଞ୍ଚ ପରିଚାଳନା କରିଥିଲେ । ତା' ପରଦିନ ୨୨ ଜଣ ବାଳ ବ୍ରହ୍ମଚାରିଣୀ କନ୍ୟାଙ୍କ ଶିବ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିଆରପିଏଫ ଡିଆଇଜି ସଞ୍ଜୟ କୁମାର ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏକ ଶୋଭାଯାତ୍ରାରେ ସୁସଜ୍ଜିତ ରଥରେ କନ୍ୟାମାନଙ୍କୁ ପାବନ ସରୋବରସ୍ଥିତ ଉତ୍ସବମଣ୍ଡପକୁ ଅଣା ଯାଇଥିଲା । ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗିନୀ ବ୍ରହ୍ମାକୁମାରୀ ଜୟନ୍ତୀ ଦିଦି ଓ ଡକ୍ଟର ମୃତ୍ୟୁଞ୍ଜୟ କନ୍ୟାମାନଙ୍କୁ ଆଶିଷ ପ୍ରଦାନ କରିଥିଲେ । ମାଉଣ୍ଟଆବୁର ବ୍ରହ୍ମାକୁମାର ବିବେକ ଭାଇ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଭଉଣୀ ଓ ବରିଷ୍ଠ ଯୁଗଳ ମାନଙ୍କୁ ସମ୍ମାନିତ କରାଯାଇଥିଲା । ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କକୁମାର ଦାସମହାପାତ୍ର ଏବଂ ପ୍ରଶାସନିକ ଅଧିକାରୀ ନିହାର ରଞ୍ଜନ ଦାସ ଅତିଥି ଭାବରେ ଯୋଗ ଦେଇଥିଲେ । ଶେଷ ଦିନ ସନ୍ଧ୍ୟାରେ 'ସ୍ୱର୍ଣ୍ଣିମ ବିଶ୍ୱ ପାଇଁ ସ୍ୱର୍ଣ୍ଣିମ ଭାବନା' ବିଷୟରେ ଏକ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁଲାଲ, ଏମସିଏଲ ସିଏମଡି ଉଦୟ ଏ କାଣ୍ଡିଲେ, ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ଟିପିଡବ୍ଲ୍ୟୁଡିଏଲ ସିଇଓ ଗଜାନନ କାଲେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ମାଉଣ୍ଟଆବୁରୁ ଆସିଥିବା ସିବିକା ଭଉଣୀ ସମସ୍ତଙ୍କୁ ରାଜଯୋଗ ଅଭ୍ୟାସ କରାଇଥିଲେ ।






Also in the photos: ଏଥିରେ ଲୋକାୟୁକ୍ତ ଡକ୍ଟର ଦେବବ୍ରତ ସ୍ୱାଇଁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ. ନାଗରାଜୁ, ସମ୍ବଲପୁର ବିଶ୍ୱ-ବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝୀ,

## ଲେବର୍ କଲୋନି ତ୍ରିନାଥ ମନ୍ଦିରରେ ନବବିଗ୍ରହ ପ୍ରତିଷ୍ଠା ଉତ୍ସବ



ସମ୍ବଲପୁର : ମୁଦିପଡ଼ା ଲେବର କଲୋନିସ୍ଥିତ ତ୍ରିନାଥ ମନ୍ଦିରର ଉନ୍ନତିକରଣ ପରେ ତିନିଦିନିଆ ନବବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ କଳସ ଶୋଭାଯାତ୍ରାରେ କଲୋନିର ବହୁ ସଂଖ୍ୟକ ମହିଳା, ପୁରୁଷ ଓ ଛୋଟ ଛୋଟ ପିଲାମାନେ ମହାନଦୀର ବାଲିବନ୍ଧା ଘାଟରୁ ପାଣି ନେଇ ଆସି ମଣ୍ଡପରେ ପହଞ୍ଚିବା ପରେ ଅଧିବାସ ସହ ଯଜ୍ଞ ଆରମ୍ଭ ହୋଇଥିଲା । ଯଜ୍ଞରେ ଅନିରୁଦ୍ଧ ଦାସ ଓ ପତ୍ନୀ ସିଙ୍କିତା ଦାସ, ପ୍ରଭାତ ମହାପାତ୍ର ଓ ପତ୍ନୀ ରୀତାଞ୍ଜଳି ମହାପାତ୍ର, ଅକ୍ଷୟ ଦାସ ଓ ପତ୍ନୀ ଅଞ୍ଜୁମିତା ଦାସ, ସଞ୍ଜୟ ସିଂହ ଓ ପତ୍ନୀ ନୀଲମ ସିଂହ, ଶିଶିର ରଞ୍ଜନ ମହାନ୍ତି ଓ ପତ୍ନୀ ମମତା ମହାନ୍ତି କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ପ୍ରଣବ ମିଶ୍ର, ଦୁଃଖୀଶ୍ୟାମ ମିଶ୍ର, ବଂଶୀଧର ମିଶ୍ର, ବିମଳ ପଣ୍ଡା, ଅଭିଳାଷ ମିଶ୍ର, ପିକୁନ ତ୍ରିପାଠୀ ଓ ଅଜିତ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ଶ୍ୱେତକୁମାର ଦାଶ, ରବୀନ ଜେନା, ମୁକେଶ ସିଂହ, ହିତେଶ ଟାଙ୍ଗ, ଅରୁଣ ଦାସ, ବିପିନ ପ୍ରଧାନଙ୍କ ସହ କଲୋନିର ଯୁବଗୋଷ୍ଠୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିରେ ଯୋଗ ଦେଇଥିବା ଭକ୍ତମାନଙ୍କ ପାଇଁ ତିନିଦିନ ଧରି ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା ।



## ଇସାନଙ୍କୁ ଆନ୍ତର୍ଜାତିକ ଲେଖକ ପୁରସ୍କାର

ସମ୍ବଲପୁର : ସମ୍ବଲପୁର ସହରର ଇସାନ ପ୍ରଜ୍ଞା ସାମନ୍ତରାୟ ଆନ୍ତର୍ଜାତିକ ସ୍ତରରେ ୫ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ବହି ପାଇଁ 'ଦ ଗୋଲଡେନ ପେନ କରି ଆୱାର୍ଡ' ହାସଲ କରିଛନ୍ତି । ପ୍ରଜ୍ଞା ଓ ଦେବୀଦତ୍ତଙ୍କ ସୁତ୍ର ତଥା ପ୍ରଫେସର ଶଙ୍କର ପତିଙ୍କ ନାତି ଇସାନଙ୍କ 'ଦ ଥ୍ରି ଲେସନ' ପୁସ୍ତକ ପାଇଁ ଏହି ପୁରସ୍କାରରେ ମନୋନୀତ ହୋଇଛନ୍ତି । ସୂଚନାଯୋଗ୍ୟ ଆନ୍ତର୍ଜାତିକ ସଂଗଠନ 'ବ୍ରିବୁକ୍ସ' ପ୍ରତିବର୍ଷ ପୁସ୍ତକ ଲେଖିବା ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଗ୍ଲୋବାଲ୍ ପ୍ରତିଯୋଗିତା ଭାବରେ ପ୍ୟାନେଲ୍ ଆଲୋଚନା କରିଥାଏ । ଚଳିତବର୍ଷ 'ବ୍ରିବୁକ୍ସ' ସଂସ୍ଥା ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ୨୬ଟି ଦେଶର ୨୦ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସୃଜନଶୀଳତା, ଶବ୍ଦକୋଷ, ବିଷୟବସ୍ତୁ ଇତ୍ୟାଦି ଏକାଧିକ କାରଣ ଉପରେ ଆଧାର କରି ଏହି ପ୍ରତିଭାବାନ ଲେଖକମାନଙ୍କ ମଧ୍ୟରେ ଶ୍ରେଷ୍ଠ ୧୦ଟି ଛୁଆଙ୍କୁ ନେଇ ଲେଖକ ଏବଂ ପେନାଲିଷ୍ଟ ଭାବେ ଗୋଲଡେନ୍ ପେନ୍ କରି ଆୱାର୍ଡ ପ୍ରଦାନ କରାଯାଏ । ଏହି ଅବସରରେ ସମ୍ବଲପୁର ଟାଉନର ଇସାନ ପୁରସ୍କୃତ ହୋଇଛି । ଗୁରୁଗ୍ରାମରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ନାଓର ଗିଲନ୍ (ଭାରତରେ ଇସ୍ରାଏଲର ରାଷ୍ଟ୍ରଦୂତ) ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ବିବୁକ୍ସର ସିଇଓ ଆର୍ମି ଡୋର ଏବଂ ଭାବିନ ଶାହା (ଶିକ୍ଷା ଜଗତର ସିଇଓ) ମଧ୍ୟ ମଞ୍ଚାସୀନ ଥିଲେ । ଇସାନ ପ୍ୟାନେଲ ଆଲୋଚନାରେ ମଧ୍ୟ ଏହି ପୁରସ୍କାର ପାଇଛନ୍ତି ।



## ବି.ଏମ୍ ପଟ୍ଟନାୟକ ସ୍କୁଲରେ ନୃସିଂହ ଗୁରୁ କକ୍ଷ ଉଦ୍‌ଘାଟିତ








ସମ୍ବଲପୁର : ସ୍ଥାନୀୟ ପଟ୍ଟନାୟକ ପଡା ସ୍ଥିତ ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ନାମରେ ନାମିତ ଏକ ନବନିର୍ମିତ କକ୍ଷ ଉଦ୍‌ଘାଟିତ ହୋଇଯାଇଛି । ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଉପାଧ୍ୟକ୍ଷ ଡକ୍ଟର ରାମକୃଷ୍ଣ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ତଥା ସିଆରସିସି ଅସୀମ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ସମ୍ବଲପୁର ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ଦାଶ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଅତିଥି ରୂପେ ଯୋଗ ଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ପୁରାତନ ଛାତ୍ର ମାନଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ପୁରାତନ ଛାତ୍ର ଶାନ୍ତନୁ ପଟ୍ଟନାୟକ ଓ କୈଳାଶ ମିସ୍ତ୍ରୀ ମଧ୍ୟ ଉଦବୋଧନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ବିଦୂଷୀ ମଧୁଆଲ ଓ ଅଲ ରାଉଣ୍ଡର ଛାତ୍ର ଅଭିମନ୍ୟୁ ଷଣ୍ଢଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ମୀନାକ୍ଷୀ ପୂଜାରୀ, ନିର୍ମଳା ବାରିକ, ସାନ୍ତ୍ୱନାମୟୀ ଷଡ଼ଙ୍ଗୀ ଓ ଶ୍ରାବଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ନୃସିଂହ ଗୁରୁ ଏହି ବିଦ୍ୟାଳୟର ଛାତ୍ର ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra